## ସାମାନ୍ୟ ବଚସାରୁ ଗଣ୍ଡଗୋଳ; ୩ ଆହତ

**କଣାସ,୧୮ ।୩(ସମିସ):** କଣାସ ଥାନା ଭାଟପଡ଼ା ଗ୍ରାମରେ ମଙ୍ଗଳବାର ରାତି ୧୦ଟାରେ ଗଣ୍ଡଗୋଳ ଘଟି ୩ ଜଣ ଆହତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରରେ ଚିକିତ୍ସିତ ହେଉଛନ୍ତି । ରବିନାରାୟଣ ମହାପାତ୍ର କଣାସ ଥାନାରେ ଅଭିଯୋଗ କରିବା ପରେ କଣାସ ଥାନା ଅଧିକାରୀ ଏକ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ନିରୁ ମହାପାତ୍ରଙ୍କ ସହିତ ସେହି ଗ୍ରାମର କେତେକ ବ୍ୟକ୍ତି ଦିନ ୪ଟା ବେଳେ ପାଟିତୁଣ୍ଡ ହୋଇଥିଲା । ଉକ୍ତ ବ୍ୟକ୍ତିମାନେ ରାତି ୧୦ଟାରେ କାଶୀନାଥ ମହାପାତ୍ର ଦୋକାନକୁ ଆସି ପାଟିତୁଣ୍ଡ କରିଥିଲେ । ପୁଅ ରବିନାରାୟଣ ମହାପାତ୍ର ଓ ନିରଞ୍ଜନ ମହାପାତ୍ର ପ୍ରତିବାଦ କରିବାରୁ ବାପ-ପୁଅ ତିନି ଜଣଙ୍କୁ ଆକ୍ରମଣ କରିଥିଲେ । ଫଳରେ କାଶୀନାଥ, ରବିନାରାୟଣ ଓ ନିରଞ୍ଜନ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି ।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

**ସାକ୍ଷୀଗୋପାଳ,୧୮ ।୩(ସମିସ):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସାତଶଙ୍ଖ ଫାଣ୍ଡି ଅନ୍ତର୍ଗତ ଯଶୁଆପୁର ଛକ ନିକଟରେ ବୁଧବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଏକ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଆହତ ହୋଇଛନ୍ତି । ଭୁବନେଶ୍ୱରରୁ ପୁରୀ ଆସୁଥିବା ଏକ ବାଇକ୍ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଯଶୁଆପୁର ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ଗଞ୍ଜାମ ଜିଲ୍ଲା ଛତ୍ରପୁରର ମାନସ ଦାସ (୬୪) ଓ ଭୁବନେଶ୍ୱର ଲିଙ୍ଗିପୁରର ଦୁର୍ଗା ଦାସ (୧୫) ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଜନସାଧାରଣ ଆହତଦ୍ୱୟଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ମାନସଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଗା ଚିକିତ୍ସିତ ହେଉଛନ୍ତି । ଏହି ଦୁର୍ଘଟଣା ସମ୍ପର୍କରେ ସାତଶଙ୍ଖ ଫାଣ୍ଡିକୁ ସୂଚନା ଦିଆଯାଇଛି ବୋଲି ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଳିକ ସୂଚନା ଦେଇଥିଲେ ।

● ଜ୍ୱାଇଁକୁ ଅପହରଣ କରି ହତ୍ୟା ଅଭିଯୋଗ

## ୪୦ ଦିନ ପରେ ଶଶୁର ଗିରଫ

**କଣାସ,୧୮ ।୩(ସମିସ):** କଣାସ ବ୍ଲକ୍ କୋଟକଣା ଛକରେ ରହୁଥିବା କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା କରୁକୁତୁପା ଗ୍ରାମର ଫିଲ୍‌ମନ ଦିଗଲ ଏବଂ ତାଙ୍କ ପତ୍ନୀ ଝାନ୍‌ସୀ ବେହେରା ଦୁହେଁ ପ୍ରେମ ବିବାହ କରିଥିଲେ । ଗତ ଫେବୃଆରୀ ୯ ତାରିଖରେ ଝାନ୍‌ସୀଙ୍କ ବାପା କୃଷ୍ଣପ୍ରସାଦ ବ୍ଲକ୍ ଫଳମା ଗ୍ରାମର ମୋହନ ବେହେରା ଅପହରଣ କରି ନେଇ ମାରି ଦେଇଥିବା ଝାନ୍‌ସୀ ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଗଡ଼ିଶାଗୋଦା ଥାନା ଅଧିକାରୀ ଶାନ୍ତନୁ ପ୍ରଧାନ ଗଡ଼ିଶାଗୋଦା ଥାନାରେ ୧୯/୨୦୨୬ରେ ମାମଲା ରୁଜୁ କରି ମୋହନକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ । ମୋହନ ଜ୍ୱାଇଁକୁ ମାରି ରାଜ୍ୟ ବାହାରକୁ ଫେରାର୍ ହୋଇଯାଇଥିଲା । ପୁଲିସ କୌଣସି ସୂତ୍ରରୁ ଖବର ପାଇ ମୋହନକୁ ବାହାର ରାଜ୍ୟରୁ ୪୦ ଦିନ ପରେ ଗିରଫ କରି କୋର୍ଟ ଚାଲାଣ କରିଛି । ମୋହନ ଜ୍ୱାଇଁକୁ ଅପହରଣ କରି ନେଇ ମାରି ଦେଇ ନୂଆ ନଈରେ ଫିଙ୍ଗି ଦେଇଥିବା ପୁଲିସ ନିକଟରେ ସ୍ୱୀକାର କରିଥିବା ଜଣାପଡ଼ିଛି । ଏଠାରେ ପୁଲିସର କାର୍ଯ୍ୟକଳାପ ସନ୍ଦେହ ସୃଷ୍ଟି କରିଛି । ପୁଲିସ ତାକୁ ରାଜ୍ୟ ବାହାରୁ ଧରିଥିବାବେଳେ ଥାନାଧିକାରୀ ଶାନ୍ତନୁ ପ୍ରଧାନ କହିଛନ୍ତି ଯେ, ନିରାକାରପୁର ଷ୍ଟେସନରୁ ଗିରଫ କରିଛି । ପୁଲିସର ଏହି କାର୍ଯ୍ୟ ପାଇଁ ମୃତ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

### କିରାସିନି ନିଆଁରେ ପୋଡ଼ି ହୋଇ ମହିଳାଙ୍କ ମୃତ୍ୟୁ

# ‘ମୋତେ ମାରିଲ, ତୁମ ମାଆଙ୍କୁ ନେଇ ଖୁସିରେ ରୁହ’

**ବଲଙ୍ଗା,୧୮ ।୩(ସମିସ)**

ପାରିବାରିକ କଳହର କରୁଣ ପରିଣତି । କିରାସିନି ନିଆଁରେ ଜଳିଗଲେ ୪୧ ବର୍ଷୀୟା ରଶ୍ମିତା ସାହୁ । ରଶ୍ମିତା ଗାଁରେ କିଛି ପିଲାଙ୍କୁ ଟିୟୁସନ କରି ପରିବାର ପ୍ରତିପୋଷଣରେ ସ୍ୱାମୀଙ୍କୁ ସାହାଯ୍ୟ କରନ୍ତି । କିନ୍ତୁ ବୁଧବାର ଦେଖିବାକୁ ମିଳିଛି କିରାସିନିରେ ପୋଡ଼ିହୋଇ ପ୍ରାଣ ହରାଇଛନ୍ତି ରଶ୍ମିତା । ବଲଙ୍ଗା ଥାନା କେତକୀପାଟଣା ପଞ୍ଚାୟତ ଦୁବପାଟଣା ଗାଁରେ ଘଟିଯାଇଛି ଏଭଳି ଏକ ଅଭାବନୀୟ ଘଟଣା । ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ଏବେ ସନ୍ଦେହ ଘେରରେ ଥିବାବେଳେ ଘଟଣାସ୍ଥଳରେ ବଲଙ୍ଗା ପୁଲିସ ଓ ପିପିଲି ଏସ୍‌ଡିପିଓ ଦେବାଶିଷ୍ ମିଶ୍ର ଅଧିକ ତଦନ୍ତ ଜାରି ରଖିଛନ୍ତି । ମୃତ୍ୟୁ ପୂର୍ବରୁ ସ୍ୱାମୀ ଭରତ ସାହୁଙ୍କ ଉପରେ ଅଭିମାନ କରି ରଶ୍ମିତାଙ୍କ ଏକ ହାତଲେଖା ଚିଠି ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ଏଥିରେ ଲେଖା ଅଛି ଯେ, ‘ଯୋଉ ମାଆଙ୍କ କଥାରେ ପଡ଼ି ତୁମେ ମୋତେ ମାରିଲ, ଘରେ ସବୁ ଭଙ୍ଗାରୁଜା କଲ ସେଇ ମାଆଙ୍କୁ ନେଇ ତୁମେ ରୁହ । ମୁଁ ତୁମ ଘରୁ ନୁହେଁ ତୁମ ଜୀବନରୁ





ବହୁ ଦୂରକୁ ଚାଲିଯାଉଛି ମୋ ପିଲାଙ୍କ ସହିତ । ତୁମେ ଆଉ ତୁମ ମା’ ଖୁସିରେ ରୁହ । ଆଗକୁ ଅନୁତାପ କରିବ । ରହୁଛି । ଭାବିଲେ ଆଉ କିଛି ନ ଥିବ । ରଶ୍ମି ।’ ଏହି ଅଭିମାନଭରା ତଥା କୋହଭରା ହାତଲେଖା ଚିଠି ଏବେ ସମସ୍ତଙ୍କୁ ଆଚାର୍ଯ୍ୟ କରୁଛି । ଅନ୍ୟପକ୍ଷରେ ଆଶ୍ଚର୍ଯ୍ୟର କଥା ମୃତ ରଶ୍ମିତାଙ୍କ ସ୍ୱାମୀ ଭରତଙ୍କ କହିବା ଅନୁସାରେ, ମୋର ମୋ ସ୍ତ୍ରୀ ସହ କୌଣସି ଝଗଡ଼ା ହୁଏନି କି କିଛି ହେଇନି । ମୋ ବାବା ଟିକେ ତାଙ୍କୁ ଗାଳିଗୁଲଜ କରିଦିଅନ୍ତି । ହେଲେ ଏଠି ପ୍ରଶ୍ନ ଉଠୁଛି ରଶ୍ମିତା ଶେଷ ଚିଠିରେ ସ୍ୱାମୀ ଓ ଶାଶୂଙ୍କ କଥା ଲେଖିଥିବାବେଳେ ଶଶୁରଙ୍କ କଥା ଧାଡ଼ିଏ ବି ଲେଖିନାହାନ୍ତି । ଏପଟେ ନିରବଦ୍ରଷ୍ଟା ସାଜିଛନ୍ତି ପରିବାରର ଅନ୍ୟ ସଦସ୍ୟ । କିଛି ବୁଝିବା ଆଗରୁ ଏଭଳି ଘଟଣା ପୂରା ଗାଁରେ ଶୋକର ଛାୟା ଖେଳାଇଦେଇଛି ।

ସୂଚନା ଅନୁସାରେ, ଭରତ ସାହୁଙ୍କୁ ପ୍ରେମ ବିବାହ କରିଥିଲେ ରଶ୍ମି । ଉଭୟଙ୍କର ଦୁଇଟି ଝିଅ ଅଛନ୍ତି । ଶାଶୂ, ଶଶୁର, ସ୍ୱାମୀଙ୍କ ସହ ବେଶ୍ ହସଖୁସିରେ ରହୁଥିଲେ ରଶ୍ମିତା । ଗାଁରେ କିଛି ପିଲାଙ୍କୁ ଟ୍ୟୁସନ କରି ପରିବାର ପ୍ରତିପୋଷଣରେ ସ୍ୱାମୀଙ୍କୁ ସାହାଯ୍ୟ କରନ୍ତି । ତେବେ ହଠାତ୍ ପରିବାରରେ ହସଖୁସି ମଧ୍ୟରେ କ’ଣ ଫାଟ ସୃଷ୍ଟି ହେଲା, ଯାହାକି ରଶ୍ମି ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ ହେଲେ । ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯେ, ନିଆଁରେ ପୋଡ଼ି ରଶ୍ମି ଛଟପଟ ହେଉଥିବାବେଳେ ପାଣି ପକାଇ ଲିଭାଇବା ପାଇଁ ଚେଷ୍ଟା କରିଛନ୍ତି ସ୍ଥାନୀୟ କିଛି ଲୋକ । କିନ୍ତୁ ଭୟରେ କେହି ମେଡିକାଲ ନେଇ ନ ଥିଲେ କି ପୁଲିସକୁ ସୂଚନା ଦେଇ ନ ଥିଲେ । ଯାହାଫଳରେ କି ଏକ ନିରୀହ ଜୀବନ ଅକାଳରେ ଚାଲିଗଲା ବୋଲି ଗାଁରେ ଜୋର୍‌ଦାର୍ ଆଲୋଚନା ହେଉଛି । କୌଣସି ସୂତ୍ରରୁ ସୂଚନା ପାଇ ବଲଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇବା ସହ ଗାଁ ଲୋକଙ୍କୁ ପଚରାଉଚରା କରୁଛି । ପରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକରୁ ଅଧିକ ତଦନ୍ତ ଚଳାଇଛି ।

● ହତ୍ୟା ନା ଆତ୍ମହତ୍ୟା ପୁଲିସର ତଦନ୍ତ ଜାରି

● ସାମାଜିକ ଗଣମାଧ୍ୟମରେ ରଶ୍ମିତାଙ୍କ ହାତଲେଖା ଚିଠିକୁ ନେଇ ଚର୍ଚ୍ଚା

## ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ

**ନିମାପଡ଼ା,୧୮ ।୩(ସମିସ):** ନିମାପଡ଼ାସ୍ଥିତ ରବୀନ୍ଦ୍ର କଲ୍ୟାଣ ମଣ୍ଡପ ପରିସରରେ ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚର ୩ୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ପ୍ରମୋଦ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ସ୍ଥାନୀୟ ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ସମାଜସେବୀ ଲୋକନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ । ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଗୋପ, ପିପିଲି,



ପୁରୀ ଓ ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚର ସଭାପତିଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ନାଗରିକ ମଞ୍ଚର ଏକ ନିଜସ୍ୱ ସ୍ଥାୟୀ ଗୃହ ପାଇଁ ମଞ୍ଚ ତରଫରୁ ସ୍ଥାନୀୟ ତହସିଲ୍‌ଦାରଙ୍କ ନିକଟରେ ଦାବି କରିଥିଲେ । ସମ୍ପାଦକ ଦିଗମ୍ବର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମନ୍ଦିରରୁ ଚୋରି କରି ପୂଜାରୀ ସମେତ ୨ ଗିରଫ

**ଡେଲାଙ୍ଗ,୧୮ ।୩(ସମିସ):** ଡେଲାଙ୍ଗ ଥାନା ଅଧୀନ ଓଡତରବୋଇ ଗ୍ରାମର ଆରାଧ୍ୟ ତାଳେଶ୍ୱର ଦେବଙ୍କ ମନ୍ଦିରରୁ ଠାକୁରଙ୍କ ରୁପା ଅଳଙ୍କାର ଚୋରି କରିଥିବା ଅଭିଯୁକ୍ତଙ୍କୁ ଧରି ଗ୍ରାମବାସୀ ପୁଲିସ ଜିମା ଦେଇଛନ୍ତି । ଏନେଇ ଅଳଙ୍କାରଗୁଡ଼ିକୁ ପୁଲିସ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଅଭିଯୁକ୍ତ ଦ୍ୱୟ ହେଲେ ବ୍ରାହ୍ମଣତରବୋଇ ଗ୍ରାମର ଚିତ୍ରସେନ ପୂଝାରୀ ଓ ବଅଙ୍ଗର ଦିଲ୍ଲୀପ ସେଠୀ । ଖବର ମୁତାବକ, ତାଳେଶ୍ୱର ଦେବଙ୍କ ମନ୍ଦିରରୁ ଗତ ରବିବାର ରାତିରେ ଚୋରି ହୋଇଥିଲା । ମନ୍ଦିରର ପାର୍ଶ୍ୱ ଦେବତା ଗଣେଶ ଓ କାର୍ତ୍ତିକେୟଙ୍କ ମୂର୍ତ୍ତିରୁ ୪ଟି ରୁପା ଆଖି ସହିତ ରୁପା ପାଟି ଚୋରି ହୋଇଥିବା ନେଇ ଗ୍ରାମ୍ୟ କମିଟି ସଦସ୍ୟ ସତ୍ୟରଞ୍ଜନ ଜେନା ଗତ ସୋମବାର ସକାଳୁ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ଠାକୁରଙ୍କ ଆଖି ତାଡ଼ିବା ସମୟରେ ଅଭିଯୁକ୍ତ ଚୋରର ଆଙ୍ଗୁଠି କଟିଯାଇଥିଲା । ଫଳରେ ହାତରୁ ରକ୍ତସ୍ରାବ ହୋଇଥିବାବେଳେ ମନ୍ଦିର ପରିସରରୁ ରକ୍ତ ଧାର ବୋହି ବୋହି ନିକଟରେ ଥିବା ମନ୍ଦିର ପୂଜକ ଚିତ୍ରସେନ ପୂଝାରୀ(୩୩)ଙ୍କ ଘର ପର୍ଯ୍ୟନ୍ତ ଯାଇଥିଲା । ତାଙ୍କୁ ପଚରାଉଚରା କରିବାରେ ସେ ଠାକୁରଙ୍କ ରୁପା ଅଳଙ୍କାର ଚୋରି କରିଥିବା ସ୍ୱୀକାର କରିଥିଲେ । ଘଟଣାର ସତ୍ୟାସତ୍ୟ ମିଳିବା ସହିତ ଏହି ଚୋରିରେ ହରିରାଜପୁର ବଅଙ୍ଗ ଗ୍ରାମର ଦିଲ୍ଲୀପ ସେଠୀ(୩୧) ସାମିଲ୍ ଥିବା ପୂଜକ ସୂଚନା ଦେଇଥିଲେ । ପରେ ଗ୍ରାମବାସୀ ଅଭିଯୁକ୍ତ ପୂଜାରୀକୁ କାବୁକରି ପୁଲିସ ଜିମା ଦେଇଥିଲେ । ପୁଲିସ ପୂଜାରୀକୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ପାର୍ଶ୍ୱ ଦେବତାଙ୍କର ବିଭିନ୍ନ ଅଳଙ୍କାର ଚୋରି କରିଥିବା ସ୍ୱୀକାର କରିବା ସହିତ ଚୋରି ସାମଗ୍ରୀଗୁଡ଼ିକୁ ଲୁଚାଇଥିବା ସ୍ଥାନ ସମ୍ପର୍କରେ ପୁଲିସକୁ ଖବର ଦେବାରେ ସାମଗ୍ରୀଗୁଡ଼ିକୁ ଜବତ କରାଯାଇଥିଲା । ଜବତ ସାମଗ୍ରୀ ମଧ୍ୟରେ ୪ଟି ରୁପା ଆଖି ଓ ଗୋଟିଏ ରୁପା ପାଟି ଥିବାବେଳେ ଏହାର ଓଜନ ପାଖାପାଖି ୨୫ ଗ୍ରାମ୍ ହେବ ବୋଲି ପୁଲିସ ସୂଚନା ଦେଇଛି ।

## ନିମାପଡ଼ାରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ




**ନିମାପଡ଼ା,୧୮ ।୩(ସମିସ)**

ନିମାପଡ଼ା ବାରବାଟୀ ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ ପରିଡ଼ା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଏଡିଇଓ ଦ୍ୱିତୀକାନ୍ତ ପ୍ରଧାନ, ଏଡିଇଓ ଭବମ ପ୍ରଧାନ, ଏଡିଇଓ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ୍ବ, ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନନ୍ଦିତା ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପାଭେଲିୟାନରେ ୩ରୁ ୬ ଜଣ କୃତୀ ପ୍ରତିଯୋଗୀଙ୍କୁ ଏବଂ କଲ୍‌ଚରାଲ ବିଭାଗରେ ୧୬ଟି ସ୍କୁଲର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ପ୍ରତାପ କୁମାର ରାଉତ ଓ ଶିକ୍ଷାବିତ୍ ଜ୍ୟୋତି ରଞ୍ଜନ ରଥ ପରିଚାଳନା କରିଥିଲେ ।

ଦୁଇଦିନିଆ କାର୍ଯ୍ୟକ୍ରମରେ ମଙ୍ଗଳବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇଥିଲେ । ଜିଲ୍ଲାର ୧୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସେଠାରେ ପଡ଼ିଥିବା ବିଭିନ୍ନ ବିଜ୍ଞାନ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ । ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ନିମାପଡ଼ା ବିଇଓ କୈଳାସ ଚନ୍ଦ୍ର ପାଢ଼ୀ, ରାଜଲକ୍ଷ୍ମୀ ଦାଶ, ସନ୍ତୋଷ କୁମାର ଚୌଧୁରୀ, ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଏବିଇଓ ସୁଦର୍ଶନ ଭୋଇ ପ୍ରମୁଖ ଯୋଗଦେଇଥିଲେ ।

## ଦିବ୍ୟାଙ୍ଗ ଅଭିଭାବକ ଓ ଶିକ୍ଷକଙ୍କ ପ୍ରଶିକ୍ଷଣ କର୍ମଶାଳା




**କୃଷ୍ଣପ୍ରସାଦ,୧୮ ।୩(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ଦିବ୍ୟାଙ୍ଗମାନଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କର ଅନ୍ତଃନିବେଶୀ ଶିକ୍ଷା ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ବିଆର୍‌ସିସି ସିଦ୍ଧେଶ୍ୱର କରଣ ପ୍ରମୁଖ ଯୋଗଦେଇଥିଲେ । ଗୋଷ୍ଠୀ ସମ୍ବଳ ଶିକ୍ଷକ ଦୀନବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଦିବ୍ୟାଙ୍ଗମାନଙ୍କର ଅଧିକାର, ସରକାରଙ୍କ ତରଫରୁ ମିଳୁଥିବା ସୁବିଧାସୁଯୋଗ କିପରି ସେମାନଙ୍କ ନିକଟରେ ପହଞ୍ଚିପାରିବ, ସେମାନଙ୍କୁ ମିଳୁଥିବା ଦିବ୍ୟାଙ୍ଗ ଉପକରଣଗୁଡ଼ିକର ଯତ୍ନ ଏବଂ ସୁରକ୍ଷା, ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷାଦାନର ବ୍ୟବସ୍ଥା, ଦିବ୍ୟାଙ୍ଗ ଅଭିଭାବକମାନଙ୍କର ଦାୟିତ୍ୱ ଏବଂ ସେମାନଙ୍କର ଯତ୍ନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ପ୍ରଧାନଶିକ୍ଷକ ମାହୁନ୍ତ କୁମାର ଜେନା, ପ୍ରଧାନଶିକ୍ଷକ ମନୋଜ କୁମାର ଲେଙ୍କା, ସିଆର୍‌ସିସି ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ୟୁଜି ୟୁପି ସ୍କୁଲ, ରାମଚଣ୍ଡୀ ନୋଡାଲ ବିଦ୍ୟାପୀଠ, ମାଲୁଦ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୃଥକ୍ ପୃଥକ୍ ଭାବେ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ସମ୍ବଳ ଶିକ୍ଷୟିତ୍ରୀ ହରପ୍ରିୟା ବେହେରା, ଜିତେନ୍ଦ୍ର କୁମାର ମାଝୀ, ଗଣେଶ୍ୱର ସାହୁ, ଶିବରାମ ନାୟକ, ବିଚିତ୍ରା ଜାଲି, ପ୍ରତାପ କୁମାର ଖୁଣ୍ଟିଆ, ମୀନା କୁମାରୀ ସାହୁ, ପ୍ରଭାକର ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ସେମିରେ ଏଲ୍‌ଆର୍‌ଏସ୍ କୋଲକାତା

**ଗୋପ,୧୮ ।୩(ସମିସ):** ଗୋପ ଆଥ୍‌ଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ସର୍ବଭାରତୀୟ ତୃତୀୟ ବାର୍ଷିକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ୟୁନିକ୍ ଏକାଡେମୀ ଭଦ୍ରକ ଓ ଏଲ୍‌ଆର୍‌ଏସ୍ କୋଲକାତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ୟୁନିକ୍ ଏକାଡେମୀ ଭଦ୍ରକ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୧ ରନ୍ ସଂଗ୍ରହ କରିଥିଲା । ଜବାବରେ ଏଲ୍‌ଆର୍‌ଏସ୍ କୋଲକାତା ୧୮.୪ ଓଭରରେ ୧୫୫ ରନ୍ ସଂଗ୍ରହ କରି ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚ୍‌କୁ ପ୍ରମୋଦ ସିହ୍ନା, ତ୍ରିଭୁବନ ଦାସ, ମନୋଜ ପାତ୍ର, ଗୁନାକର ଭୋଇ ପ୍ରମୁଖ ପରିଚାଳନା କରିଥିଲେ ।

## ପ୍ରୀତମ ପଣ୍ଡାଙ୍କ ପି.ଏଚ୍.ଡି ଲାଭ



ବାରିପଦାର ଶ୍ରୀ ପ୍ରୀତମ ପଣ୍ଡା , ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ବାଇଗଣବାଡିଆର ବି.ବି.କଲେଜ, ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସନ୍ଦୀପ କୁମାର ପଟ୍ଟନାୟକ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର( ବିଜନେସ୍ ଆଡମିନିଷ୍ଟ୍ରେସନ) ବିଭାଗ ର ମୁଖ୍ୟ ଡ଼. ସୀତାରାମ ଦାସ ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । । ଶ୍ରୀ ପ୍ରୀତମ ପଣ୍ଡା ଙ୍କ ସନ୍ଦର୍ଭ "SELF-HELP-GROUPS as a strategy of poverty alleviation : A Study on Mayurbhanj District in Odisha" ଉଚ୍ଚପ୍ରଶଂସିତ ହୋଇଛି । ସେ ବାରିପଦା ସହରର ଶ୍ରୀମତୀ ଅଞ୍ଜଳୀ ପଣ୍ଡା ଏବଂ ଶ୍ରୀ ଲକ୍ଷ୍ମୀକାନ୍ତ ପଣ୍ଡା ଙ୍କ କନିଷ୍ଠ ପୁତ୍ର ଅଟନ୍ତି । ତାଙ୍କର ପତ୍ନୀ ଜସ୍ୱଶ୍ରୀ ମିଶ୍ର ଓ କନ୍ୟା ପି.ପ୍ରାଣଭୀ ପ୍ରିସ୍ମାନଶୀ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କୁ ସହଯୋଗ କରିଥିବା ପ୍ରତେକ ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।

● ହିନ୍ଦୁ, ମୁସ୍‌ଲିମ୍ ଭାଇଚାରାର ପର୍ବ ଗୋପ ସାଗର ସ୍ନାନ ମେଳଣ ଆରମ୍ଭ

## ଏକାଠି ହେଲେ ୪୦ରୁ ଉର୍ଦ୍ଧ୍ୱ ବିମାନ

**ଗୋପ,୧୮ ।୩(ସମିସ):** ହିନ୍ଦୁ, ମୁସ୍‌ଲିମ୍‌ର ଭାଇଚାରାର ପର୍ବ ଗୋପ ସାଗର ସ୍ନାନ ମେଳଣ ଆରମ୍ଭ ହୋଇଛି । ମଙ୍ଗଳବାର ବିଳମ୍ବିତ ରାତିରେ ଗୋପ ମେଳଣ ପଡ଼ିଆରେ ୪୦ରୁ ଉର୍ଦ୍ଧ୍ୱ ବିମାନ ବିଜେ ଠାକୁର ଏକତ୍ର ହୋଇଥିଲେ । ଏହି ମେଳଣ ୫ ଦିନ ଧରି ଚାଲିବ ବୋଲି ଜଣାପଡ଼ିଛି । କିମ୍ବଦନ୍ତୀ ଅନୁଯାୟୀ, କୌଣସି କାରଣବଶତଃ ଶହଶହ ବର୍ଷ ପୂର୍ବେ ପ୍ରଭୁ ଗୋପାଳଜୀଉ କୌଣସି କାରଣକୁ ନେଇ ଗୋପ ଥାନା ମାଲଖାନା ହାଜତରେ ଥିଲେ ।



ପରେ ଥାନାରେ ଥିବା ଦାରୁଗା ବାବୁଙ୍କୁ ପ୍ରଭୁ ଗୋପାଳଜୀଉ ମେଳଣ କରିବା ଲାଗି ନିର୍ଦ୍ଦେଶ ଦେବା ପରେ ଦାରୁଗା ବାବୁ ହିନ୍ଦୁ, ମୁସ୍‌ଲିମ୍ ଜମିଦାରଙ୍କ ସହ ଆଲୋଚନା କରି ମେଳଣ ଆରମ୍ଭ କରିଥିଲେ । ସେବେଠାରୁ ହିନ୍ଦୁ ଓ ମୁସ୍‌ଲିମ୍ ଉଭୟ ସମ୍ପ୍ରଦାୟର ଲୋକଙ୍କୁ ନେଇ ମେଳଣ ଅନୁଷ୍ଠିତ ହୋଇଆସୁଛି । ବୁଧବାର ଭୋର୍‌ରୁ ପ୍ରଭୁ ଗୋପାଳଜୀଉଙ୍କୁ ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର ନିମନ୍ତ୍ରଣ କରିବା ସହ ବାଜା, ବାଣ ରୋଷଣୀ ସହ ସୁସଜ୍ଜିତ ବିମାନରେ ମେଳଣ ପଡ଼ିଆକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରଥମେ ପ୍ରଭୁ ସେନାପତି ସାହିରେ ଭୋଗ ଖାଇ କୁଶଭଦ୍ରା ନଦୀରେ ସ୍ନାନ କରୁଥିବାବେଳେ ଏହାକୁ ସାଗର ସ୍ନାନ ମେଳଣ ମଧ୍ୟ କୁହାଯାଏ । ପୂର୍ବରୁ ଏହି ମେଳଣ ମାସ ମାସ ଧରି ଚାଲୁଥିବାବେଳେ କାଳକ୍ରମେ ଏହା ୫ ଦିନ ଚାଲିଛି । ଆଗରୁ ବିବାହ ସମେତ ଅନ୍ୟାନ୍ୟ କାର୍ଯ୍ୟ ଲାଗି ଗୋପ ସାଗର ସ୍ନାନ ମେଳଣରୁ ସମସ୍ତ ସାମଗ୍ରୀ କିଣାଯାଉଥିବାବେଳେ ଆଧୁନିକ ଯୁଗରେ ଏହା ଲୋପ୍ ପାଇବାରେ ଲାଗିଛି । ଗୋପ ଲୋକ ଉତ୍ସବର ପ୍ରଥମ ଦିବସରେ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେବାକୁ ଥିବାବେଳେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ସଦର ବିଧାୟକ ସୁନିଲ୍ ମହାନ୍ତି, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସାଗର ସ୍ନାନ ମେଳଣ କମିଟି ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ କହିଛନ୍ତି ।

### ଅବକାରୀ ବିଭାଗର ଚଢ଼ଉକୁ ଫୁଁ’

## ଖୁଲମ୍‌ଖୁଲା ଚାଲିଛି ମଦ ଓ ଗଞ୍ଜେଇ ବେପାର

**ନୟାହାଟ,୧୮ ।୩(ସମିସ):** ଗ୍ରାମାଞ୍ଚଳରେ ଚୋରା ମଦ ଓ ଗଞ୍ଜେଇ ବିକ୍ରି ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାକୁ ସେବନ କରିବା ପାଇଁ ଯୁବଗୋଷ୍ଠୀ ଚୋରି ଓ ରାହାଜାନୀ କରିବାକୁ ପଛାଉ ନାହାନ୍ତି । ଅବକାରୀ ବିଭାଗ ପକ୍ଷରୁ କାଁ ଭାଁ ଚଢ଼ଉ କରି ମଦ ଧରପଗଡ଼ ହେଉଥିବାବେଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ସହ ମୋକଦ୍ଦମା କୋହଳ କରିବା ଫଳରେ ସେମାନେ ଜାମିନରେ ଆସି ପୁନର୍ବାର ନିର୍ଭୟରେ ମଦ, ଗଞ୍ଜେଇ ବେପାର ବହୁଳ ମାତ୍ରାରେ କରି ଚାଲିଛନ୍ତି । ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତ ଝାଳିଆ ଗ୍ରାମରେ ଜନୈକ ଯୁବକ ଚୋରା ନକଲି ବିଦେଶୀ ମଦ ଅବାଧରେ କାରବାର କରୁଥିବା ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ଗତ କିଛିଦିନ ତଳେ ଚଢ଼ଉ କରି ବହୁ ପରିମାଣରେ ମଦ ଜବତ କରାଯାଇଥିଲା । ବର୍ତ୍ତମାନ ସେଠାରେ ପୁଣି ମଦ ବହୁଳ ମାତ୍ରାରେ ବିକ୍ରି ହେଉଥିବା ସ୍ଥାନୀୟ ଲୋକଙ୍କ ପାଖରୁ ଅଭିଯୋଗ ହୋଇଛି । ସେହିପରି ଦୁର୍ଗାପୁର ଗ୍ରାମରେ ଜଣେ ବ୍ୟକ୍ତି ୫ କିଲୋ ପର୍ଯ୍ୟନ୍ତ ଗଞ୍ଜେଇ ଘରେ ରଖି ଖୁଚୁରା ବ୍ୟବସାୟୀମାନଙ୍କୁ ୧୦୦ରୁ ୨୦୦ ଗ୍ରାମ୍ ଲେଖାଏଁ ବିକ୍ରି କରିବା ଫଳରେ ସ୍ଥାନୀୟ ଲୋକମାନେ କହିଛନ୍ତି ଯେ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଭିଡ଼ ଜମୁଛି । ଅବକାରୀ ବିଭାଗ ପକ୍ଷରୁ ଦୁର୍ଗାପୁରରେ ଚୋରା ଗଞ୍ଜେଇ ବିକୁଥିବା ବ୍ୟବସାୟୀଙ୍କ ଉପରେ କ’ଣ ପାଇଁ ଚଢ଼ଉ କରାଯାଉ ନାହିଁ, ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସନ୍ଧ୍ୟା ସମୟରେ ଜହ୍ନିମାଳିଆ ଛକରେ ନିଶାଖୋର ବ୍ୟକ୍ତିଙ୍କ ଆଡ୍ଡା ଜମୁଛି । ଏ ଦିଗରେ ପୁରୀ ଜିଲ୍ଲା ଅବକାରୀ ଏସ୍‌ପି ଦୃଷ୍ଟି ଦେବାକୁ ଦାବି ହେଉଛି ।



## ନୟାଗଡ଼ ପୌର ପରିଷଦ

# ଜିଲ୍ଲାପାଳଙ୍କ ସମୀକ୍ଷା, କର୍ମଚାରୀଙ୍କୁ ତାଗିଦ୍

ନୟାଗଡ଼,୧୮ ।୩(ସମିସ)

ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ବୁଧବାର ନୟାଗଡ଼ ପୌର ପରିଷଦ କାର୍ଯ୍ୟାଳୟକୁ ଅଚାନକ ପରିଦର୍ଶନରେ ଯାଇ ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି । ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ପୌର ପରିଷଦରେ ବିକାଶ ମୂଳକ କାର୍ଯ୍ୟର ମନ୍ଥରତା, କର୍ମଚାରୀଙ୍କ ମନମାନି, ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥ ଖର୍ଚ୍ଚ ନ ହୋଇ ପଡ଼ି ରହିବାକୁ ନେଇ ଜିଲ୍ଲାପାଳ ଖପ୍ପା ହୋଇଥିଲେ । ବିଭିନ୍ନ କାର୍ଯ୍ୟର ଫାଇଲ ମାଗିବା ସହ ସଠିକ ଭାବେ କାମ କରିବାକୁ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ । ନୟାଗଡ଼ ସହରରେ ଥିବା ୩ଟି ପୁଷ୍କରିଣୀ ପୁନରୁଦ୍ଧାର ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଆଜିପର୍ଯ୍ୟନ୍ତ କାମ ନ ହେବାକୁ ନେଇ ଜିଲ୍ଲାପାଳ କାରଣ ପଚାରିଥିଲେ । ଉକ୍ତ ଟେଣ୍ଡର ବାତିଲ କରି ପୁର୍ନବାର ଟେଣ୍ଡର ଆହ୍ୱାନ କରିବାକୁ ପରାମର୍ଶ ଦେଇଥିଲେ । ପୌର ପରିଷଦ ଜେଇ ଓ ଏମଇଙ୍କୁ ବିଭିନ୍ନ କାରଣ ନେଇ ତାଗିଦ୍ କରିଥିଲେ । ନୟାଗଡ଼ ସହରର ଆଲୋକୀକରଣ ବ୍ୟବସ୍ଥା, ପରିମଳ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସହରରେ ଥିବା ଶୌଚାଳୟଗୁଡ଼ିକରେ ଆନୁଷଙ୍ଗିକ ବ୍ୟବସ୍ଥା ତଥା ପାଣି, ଆଲୋକୀକରଣ ଓ ସ୍ୱଚ୍ଛତା ନ ରହିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲା ପାଠାଗାର ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦେଇଥିଲେ । ଅଡିଟୋରିୟମ ସମସ୍ୟା ଦୂର କରିବାକୁ ତାଗିଦ୍ କରିଥିଲେ । ସଫେଇ ପାଇଁ ଆବଶ୍ୟକ ମେସିନ ଏବଂ ଏକ ଡିଜି ମେସିନ କିଣିବାକୁ ଆଲୋଚନା କରାଯାଇଥିଲା । ଯେଉଁ କର୍ମଚାରୀମାନେ କାର୍ଯ୍ୟରେ ଅବହେଳା କରୁଛନ୍ତି, ବିଭଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିବାକୁ ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି । ନୟାଗଡ଼ ପୌର ପରିଷଦକୁ ସରକାରଙ୍କ ପକ୍ଷରୁ ଆସୁଥିବା ଅର୍ଥ ସଠିକ ଭାବେ ଖର୍ଚ୍ଚ ହେଉ ନ ଥିବା ଏବଂ ଖର୍ଚ୍ଚ ହେଉଥିବା ଅର୍ଥର ୟୁସି ଦାଖଲ ହେଉ ନ ଥିବା ନେଇ ଅଧ୍ୟକ୍ଷା କହିଥିଲେ । ଅନେକ ଟଙ୍କା କାମ ନ ହୋଇ ପଡ଼ି ରହିବାକୁ ନେଇ ଅଧ୍ୟକ୍ଷା ପ୍ରଶ୍ନ ଉଠାଇଥିଲେ । ବୈଠକରେ ଅଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ବାକବିତଣ୍ଡା ହୋଇଥିଲା । ଜିଲ୍ଲାପାଳଙ୍କ ଉପସ୍ଥିତରେ ଅନେକ କଥାକୁ ନେଇ ଅଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ପରିସ୍ଥିତି ସୃଷ୍ଟି ହୋଇଥିଲା ।

- ଅଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି
- ସମସ୍ୟା ସୁଧାରିବାକୁ ପରାମର୍ଶ, ନ ହେଲେ କାର୍ଯ୍ୟାନୁଷ୍ଠାନ

## ବିରୁଡ଼ା ପଞ୍ଚାୟତରେ ଜିଲ୍ଲାପାଳଙ୍କ ସମୀକ୍ଷା



ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ନୟାଗଡ଼ ସଦର ବ୍ଲକ ବିରୁଡ଼ା ପଞ୍ଚାୟତକୁ ଯାଇ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି । ଜିଲ୍ଲାପାଳଙ୍କ ସହ ନୟାଗଡ଼ ବିଡିଓ ଐଶ୍ୱର୍ଯ୍ୟା ଭୁୟାଁ, ଡିପିଓ ଝାଡ଼େଶ୍ୱର ଦାଶ, ସହକାରୀ ଯନ୍ତ୍ରୀ ଚନ୍ଦ୍ରଶେଖର ସାମନ୍ତରାୟ, ଜିପିଡିଓ ସୁରେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯାଇଥିବା ଫୁଲଚାଷ ବୁଲି ଦେଖିବା ସହ ଖୁସି ବ୍ୟକ୍ତ କରିଥିଲେ । ବିରୁଡ଼ା ପଞ୍ଚାୟତରେ ବିଗତ ଦିନରେ ଅନେକ ଉନ୍ନୟନ କାର୍ଯ୍ୟ କରାଯାଇଛି । ଏହି ପଞ୍ଚାୟତ ଜିଲ୍ଲାର ଅନ୍ୟ ପଞ୍ଚାୟତଠାରୁ ବିକଶିତ ବୋଲି ଜଣାଯାଇଛି ।

# ସ୍ଥାୟୀ ନିଯୁକ୍ତି ଦାବିରେ ଓସମା ପକ୍ଷରୁ କଳାବ୍ୟାଜ୍ ପରିଧାନ



ନୟାଗଡ଼,୧୮ ।୩(ସମିସ): ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ମନରେଗା ଅଧୀନରେ ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟରତ ସମସ୍ତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଓଡ଼ିଶା ଷ୍ଟେଟ୍ ଏମସି ଏବଂ ଏପିଓ ଆସୋସିଏସନ୍ (ଓମସା) ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆରମ୍ଭ କରାଯାଇଛି । ସଂଘ ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ସମସ୍ତ ୩୧୪ ବ୍ଲକରେ କାର୍ଯ୍ୟରତ ଏପିଓମାନେ ନିଜ ଦାବି ଉପସ୍ଥାପନ କରିବା ପାଇଁ ଏହି ଅଭିନବ ପ୍ରତିବାଦ କରିଛନ୍ତି । ଦୀର୍ଘ ୧୫ ବର୍ଷର ନିରନ୍ତର ସେବା ପରେ ମଧ୍ୟ ବ୍ଲକଗୁଡ଼ିକରେ କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀମାନେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି । ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ରାଜ୍ୟର ସମସ୍ତ ୩୧୪ ବ୍ଲକରେ କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀମାନେ ନିଜ କାର୍ଯ୍ୟାଳୟରେ କଳାବ୍ୟାଜ୍ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବେ ନିଜ ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି । ଏହି ପ୍ରତିବାଦ ମାର୍ଚ୍ଚ ୧୮ରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ୩୧ ସୁଦ୍ଧା ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି । ସଂଘର ରାଜ୍ୟ ସଭାପତି ଗୋପାଳ ପଣ୍ଡା ଏବଂ ସାଧାରଣ ସମ୍ପାଦକ ମାନସ ରଞ୍ଜନ କର ଜଣାଇଛନ୍ତି ଯେ ଯଦି ନିର୍ଦ୍ଧାରିତ ସମୟରେ ଉଚିତ୍ ପଦକ୍ଷେପ ନିଆ ନ ଯାଏ, ତେବେ ସଂଘ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବ । ଏହି ପ୍ରକାରେ ନୟାଗଡ଼ ଜିଲ୍ଲାର ସମସ୍ତ ୮ ବ୍ଲକରେ କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀମାନେ ମଧ୍ୟ ସଙ୍ଘ ନିଷ୍ପତ୍ତି ଅନୁଯାୟୀ ନିଜ କାର୍ଯ୍ୟାଳୟରେ କଳାବ୍ୟାଜ ପରିଧାନ କରି ପ୍ରତିବାଦ ଆରମ୍ଭ କରିଛନ୍ତି । ନୟାଗଡ଼ ବ୍ଲକ ଏପିଓ ମିଟନ ମହାପାତ୍ର, ଓଡ଼ଗାଁ ଏପିଓ ବିଭୁପ୍ରସାଦ ସାଥୁଆ, ନୂଆଗାଁ ଅମରେନ୍ଦ୍ର ସାହୁ, ଦଶପଲ୍ଲା ମଧୁସ୍ମିତା ସ୍ୱାଇଁ, ରଣପୁର କାଳୁଚରଣ ସାହୁ, ଖଣ୍ଡପଡ଼ା ଜୟନ୍ତି ମିଶ୍ର, ଭାପୁର ଅରୁଣ କୁମାର ଚିନେରା, ଗଣିଆ ଇତିଶ୍ରୀ ଦାଶ ପ୍ରମୁଖ ନିଜ କାର୍ଯ୍ୟାଳୟରେ କଳାବ୍ୟାଚ୍ ପରିଧାନ କରି କାର୍ଯ୍ୟ କରିଛନ୍ତି ।

## କାର୍ଯ୍ୟକ୍ଷମ ହେଲା ବଜାର ଓ ଗୋଦାମ



ଭାପୁର,୧୮ ।୩(ସମିସ): ଦୀର୍ଘ ଦଶବର୍ଷ ହେଲା ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବଜାର ପ୍ରାଙ୍ଗଣ ଓ ଗୋଦାମ ଗୃହ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହି ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା । ଜିଲ୍ଲା ପ୍ରଶାସନ ଉଦ୍ୟମ ପରେ ଏହା କିଛିଦିନ ହେଲା କାର୍ଯ୍ୟକ୍ଷମ ହୋଇଛି । ଭାପୁର-କଇଁଫୁଲିଆ ରାସ୍ତାରେ ବାହାଡ଼ାଖୋଲା ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ୫୦ ଲକ୍ଷ ଟଙ୍କାରେ ୧୦ ବର୍ଷ ପୂର୍ବେ ଏକ ବଜାର ପ୍ରାଙ୍ଗଣ ଓ ୫ ଶହ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ହୋଇଥିଲା । ମାତ୍ର ନିର୍ମାଣ ପରଠାରୁ ଏହା ଅବ୍ୟବହୃତ ହୋଇ ପଡ଼ିରହିଥିଲା । ଫଳରେ ସରକାରୀ ଅର୍ଥ ପାଣିରେ ପଡ଼ିବା ସହ ଯେଉଁ ମତହ ଉଦ୍ଦେଶ୍ୟ ରଖି ଏହା ନିର୍ମାଣ କରାଯାଇଥିଲା ତାହା ପୂରଣ ହୋଇ ନ ଥିଲା । ଏ ନେଇ ବହୁବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ସହ ସ୍ଥାନୀୟ ଜନପ୍ରତିନିଧି ଓ ବୁଦ୍ଧିଜୀବୀମାନେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ । ହେଲେ କୌଣସି ସୁଫଳ ମିଳୁ ନ ଥିଲା । ଏହି ପରିତ୍ୟକ୍ତ ବଜାର ପ୍ରାଙ୍ଗଣରେ ସବୁବେଳେ ମଦ୍ୟପମାନଙ୍କ ଆଡ୍ଡା ଜମୁଥିବା ସହ ଅନୈତିକ ଦେହ ବେପାର ମଧ୍ୟ ଏଠାରେ ହେଉଥିବା ଅଭିଯୋଗ ହୋଇ ଆସୁଥିଲା । ବର୍ତ୍ତମାନ ଜିଲ୍ଲା ପ୍ରଶାସନ ଏହି ବଜାର ପ୍ରାଙ୍ଗଣ ଓ ଗୋଦାମକୁ ଜିଲ୍ଲାର ଏକ ରାଇସ ମିଲକୁ ତାହାର ଗୋଦାମ ଭାବେ ବ୍ୟବହାର କରିବାକୁ ଅନୁମତି ଦେଇଛି । ଫଳରେ ଏହା ବ୍ୟବହାରରେ ଲାଗିବ ବୋଲି ସୂଚନା ମିଳିଛି ।

## ପୁରୀ ଗଲା ରଥକାଠ

ଗଣିଆ,୧୮ ।୩(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ଗଣିଆରୁ ପ୍ରଥମ ପର୍ଯ୍ୟାୟରେ କାଠ କଟାଯାଇ ପୁରୀ ଅଭିମଖେ ପ୍ରେରଣ କରାଯାଇଛି । ଗଣିଆ ବ୍ଲକର ୪ ଜଣଙ୍କ ବଗିଚାରୁ ଫାଶି କାଠ କଟାଯାଇଥିଲା । ସେମାନଙ୍କ ମଧ୍ୟରୁ ପତଣ୍ଡା ଗ୍ରାମର ଅଖିଳ କୁମାର ପଣ୍ଡା, କାଳିଆପଡ଼ାର ପ୍ରମୋଦ ସେନାପତି ଓ ଭରତ ନାୟକ, ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ମଦରଦର ପ୍ରଧାନଙ୍କ ବାଡ଼ିରୁ ୪ ଲଗ୍ ଫାଶି କାଠ କଟାଯାଇଥିଲା । ଦୀର୍ଘଦିନ ହେବ ବନବିଭାଗ ତରଫରୁ କାଠ ଚିହ୍ନଟ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ନିଜ ବାଡ଼ିରୁ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ କାଠ ଦାନ କରିଥିବାରୁ ଖୁସିବ୍ୟକ୍ତ କରିଛନ୍ତି କାଳିଆପଡ଼ାର ପ୍ରମୋଦ ସେନାପତି । କାଠ କାଟିବା ସମୟରେ ଗଣିଆ ବନ କର୍ମଚାରୀ ଉପସ୍ଥିତ ଥିଲେ ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ, ବରୁଣେଇ-ବି ବିଜୟୀ

କଣ୍ଟିଲୋ,୧୮ ।୩(ସମିସ): ବରୁଣେଇ ସମର ସ୍ମାସ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଦ୍ୱିତୀୟ ଦିବସରେ ଆୟୋଜକ ବରୁଣେଇ-ବି ଓ ମର୍ଦ୍ଦରାଜପୁର କ୍ରିକେଟ ଟିମ ମଧ୍ୟରେ ମ୍ୟାଚ ହେଇଥିଲା । ବରୁଣେଇ-ବି ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ବରୁଣେଇ-ବି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ଉଇକେଟ ହରାଇ ୧୧୭ ରନ କରିଥିଲା । ଜବାବରେ ମର୍ଦ୍ଦରାଜପୁର ଦଳ ୫୮ ରନ କରି ଅଲଆଉଟ ହେଇଯାଇଥିଲା । ମୁଖ୍ୟଅତିଥି ରୂପେ କଣ୍ଟିଲୋ ସରପଞ୍ଚଙ୍କ ପ୍ରତିନିଧି ଶତ୍ରୁଘ୍ନ ବେହେରା ଓ ସମାଜସେବୀ ମାଧବଚନ୍ଦ୍ର ସାହୁ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିବା ସହ ଉତ୍ସାହିତ କରିଥିଲେ ।

## ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପ୍ରସ୍ତୁତି

# ଆଲୋକମାଳାରେ ଝଲସିବ ନୟାଗଡ଼ ସହର

ନୟାଗଡ଼,୧୮ ।୩(ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ଓ ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ଓଡ଼ିଶା ଦିବସ ଉପଲକ୍ଷେ ଆଲୋଚନା କରାଯାଇଥିଲା । ଏପ୍ରିଲ ୧ ତାରିଖ ସକାଳ ୬ରୁ ୭ ଘଟିକା ମଧ୍ୟରେ ଡାକବାଜି ଯନ୍ତ୍ର ଯୋଗେ ସହରରେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯିବ । ସକାଳ ୮ଟାରେ ପୌର ପରିଷଦ ଅଞ୍ଚଳରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ଜିଲ୍ଲାସ୍ତରୀୟ ଓଡ଼ିଆ ବକ୍ତୃତା ଓ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା କରାଯିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ପୂର୍ବାହ୍ନ ୧୧ଟାରେ ନୟାଗଡ଼ ଜିଲ୍ଲା ଉତ୍କଳ ସମ୍ମିଳନୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଯଥା କୁଇଜ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ସନ୍ଧ୍ୟାରେ ପଠାଣି ସାମନ୍ତ ସଂସ୍କୃତି ଭବନରେ ସାଧାରଣ ସଭା କରାଯିବ ବୋଲି ସ୍ଥିର କରାଯାଇଛି । ଏଥିସହ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି । ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନଙ୍କୁ ୩୧ ତାରିଖରୁ ଆଲୋକମାଳାରେ ସୁସଜ୍ଜିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ଦିନ ଆଇନ ଶୃଙ୍ଖଳା ବଜାୟ ରଖିବାକୁ ପୁଲିସ ବିଭାଗକୁ ପରାମର୍ଶ ଦିଆଯାଇଛି । ଏପ୍ରିଲ ୨ ତାରିଖ ପଠାଣି ସାମନ୍ତ ସଂସ୍କୃତି ଭବନରେ ଜିଲ୍ଲା ପ୍ରତିଷ୍ଠା ଦିବସ ସନ୍ଧ୍ୟାରେ ପାଳନ କରାଯିବ । ସକାଳୁ ଏକ ମିନି ମାରାଥନ ଆୟୋଜନ କରାଯିବ । ପ୍ରତି ବ୍ଲକରୁ ଗୋଟିଏ ଗୋଟିଏ ସାଂସ୍କୃତିକ ଅନୁଷ୍ଠାନକୁ ମନୋନୀତ କରି ପଠାଇବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ସାଂସଦ ଏବଂ ବିଧାୟକଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଏସ୍‌ପି ଏସ୍ ସୁଶ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ବିଜୟାନନ୍ଦ ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ, ପୁଲିସ କର୍ମଚାରୀ, ବରିଷ୍ଠ ନାଗରିକ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ ।



## ଓଡ଼ିଆ ପକ୍ଷ ପାଳନ ପ୍ରସ୍ତୁତି

ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ପକ୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ୧ରୁ ୧୪ ତାରିଖ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ନବବର୍ଷ ଅବସରରେ "ଓଡ଼ିଆ ପକ୍ଷ' ପାଳନ କରାଯିବାକୁ ନିର୍ଦ୍ଦେଶ ଥିବାରୁ ନୟାଗଡ଼ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ କିପରି ସୁଚାରୁରୂପେ କରାଯିବ ସେ ନେଇ ଆଲୋଚନା କରାଯାଇଛି । କାର୍ଯ୍ୟକ୍ରମରେ କିପରି ଜନସାଧାରଣ ସାମିଲ ହୋଇପାରିବେ ସେ ବିଷୟରେ ଆଲୋଚନା କରାଯାଇଛି । ବ୍ଲକରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ରମ ଲୋକାଭିମୁଖୀ କରାଯିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଏସ୍‌ପି ଏସ୍ ସୁଶ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ବିଜୟାନନ୍ଦ ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଡେପୁଟି କଲେକ୍ଟର ତପତି ରାଜ, ବିଡିଓ ଐଶ୍ୱର୍ଯ୍ୟା ଭୁୟାଁ, ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ସମେତ ଜିଲ୍ଲାର ସମସ୍ତ ନିର୍ବାହୀ ଅଧିକାରୀ, କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ ।

## ● ଅନ୍ତର୍ଜାତୀୟ ମହିଳା ଦିବସ

# ମହିଳା ସଫେଇ ମିତ୍ରଙ୍କୁ ସମ୍ବର୍ଦ୍ଧନା




ଓଡ଼ଗାଁ,୧୮ ।୩(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ସ୍ଥାନୀୟ ବ୍ଲକ ରୋଡ୍ କଲ୍ୟାଣ ମଣ୍ଡପରେ ମହିଳା ସଫେଇ ମିତ୍ରଙ୍କୁ ସମ୍ବର୍ଦ୍ଧନା ଓ ବଡ଼ଖାନା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ନୀହାର ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପଜିଲ୍ଲାପାଳ ଓ ଓଡ଼ଗାଁ ଏନ୍ଏସି ମୁଖ୍ୟ ପ୍ରଶାସକ କର୍ଣ୍ଣଦେବ ସମାଦାର, ଜିଲ୍ଲା ପରିଷଦ ସଭ୍ୟ ବିରଜାଲକ୍ଷ୍ମୀ ସାହୁ, ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ବିଡିଓ ପ୍ରୀତିବାଳା ରଣା, ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ ଓ ପବିତ୍ର କୁମାର ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନୀଲାଞ୍ଜନ ଦାସ ଓ ଡାକ୍ତର ସମ୍ବିତ ଉପସ୍ଥିତ ଥିଲେ । ଅତିଥିମାନେ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଓଡ଼ଗାଁର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟ କେବଳ ନୟାଗଡ଼ ନୁହେଁ, ସାରା ଓଡ଼ିଶା ପାଇଁ ଉଦାହରଣ । ମହିଳାମାନେ ସମାଜର ମୂଳ ଭିତ୍ତି ଏବଂ ସହରକୁ ସ୍ୱଚ୍ଛ ରଖିବାରେ ସେମାନଙ୍କ ଅବଦାନ ଅସମାନ୍ୟ । 'ମହିଳାଙ୍କ ବିନା କୌଣସି କାର୍ଯ୍ୟ ସମ୍ଭବ ନୁହେଁ, ତେଣୁ ପ୍ରତିଦିନ ମହିଳା ଦିବସ' ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ ସଫେଇ କାର୍ଯ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ୪୦ ମହିଳାଙ୍କୁ ଅତିଥି ସମ୍ମାନିତ କରିଥିଲେ । ସେଥିରେ ସଫେଇ କର୍ମୀ, ଏମଆରଏଫ୍ ଫାସିଲିଟେଟର, ଏନସିସି ଫାସିଲିଟେଟର, ମା' ସନ୍ତୋଷୀ ମହିଳା ଗ୍ରୁପ, ସ୍ୱଚ୍ଛସାଥୀ ଓ ସ୍ୱଚ୍ଛ ସୁପରଭାଇଜରମାନେ ଅନ୍ତର୍ଭୁକ୍ତ ଥିଲେ । ଭାବଗ୍ରାହୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଇଂ. ସତ୍ୟନାରାୟଣ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ବନାଗ୍ନି ନିବାରଣ ସଚେତନତା

ଖଣ୍ଡପଡ଼ା,୧୮ ।୩(ସମିସ): ନୟାଗଡ଼ ବନଖଣ୍ଡ, ଖଣ୍ଡପଡ଼ା ବନାଞ୍ଚଳ ଓ ନୟାଗଡ଼ ସିଭିଲ ସୋସାଇଟି ଆନୁକୂଲ୍ୟରେ ଖଣ୍ଡପଡ଼ା ଏନଏସି କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ମଧ୍ୟାହ୍ନରେ ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା ଓ ଜଙ୍ଗଲ ନିଆଁ କାରଣ, ନିବାରଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଜଙ୍ଗଲ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା, ଏସଡିପିଓ ମଦନ ମୋହନ ପ୍ରଧାନ, ତହସିଲଦାର ବିଶ୍ୱ ବିସ୍ତୃତ ତ୍ରିପାଠୀ, ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା, ଅଗ୍ନିଶମ ବିଭାଗ ପକ୍ଷରୁ ନବକିଶୋର ସାହୁ ଯୋଗଦେଇ ବିଲୁପ୍ତ ପ୍ରାୟ ଗଛଲତାର ସୁରକ୍ଷା, ବନ୍ୟ ପଶୁପକ୍ଷୀଙ୍କର ଖାଦ୍ୟ ଉପଯୋଗୀ ଗଛଲତାର ସୁରକ୍ଷା, ଚାରାରୋପଣ, ଚାରା ବଣ୍ଟନ, ଜଙ୍ଗଲ ପୋଡ଼ି ରୋକିବା ଓ ଏହାର ନିରାକରଣ ନିମନ୍ତେ ଲୋକଙ୍କ ସହଯୋଗ ଏବଂ ସଚେତନତା କାର୍ଯ୍ୟକ୍ରମ ଜରୁରୀ ଅଟେ ବୋଲି କହିଥିଲେ । ଏତତ ବ୍ୟତୀତ ଜଙ୍ଗଲ ପୋଡ଼ିରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନଖଣ୍ଡ ଅଧିକାରୀ କହିଥିଲେ । କାର୍ଯ୍ୟକ୍ରମକୁ ନୟାଗଡ଼ ସିଭିଲ ସୋସାଇଟି ଉପାଧ୍ୟକ୍ଷ ଭଗବତୀ ଚନ୍ଦ୍ର ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଶତାଧିକ ବରିଷ୍ଠ ନାଗରିକ ଓ ସାଧାରଣ ଲୋକ ଉପସ୍ଥିତ ରହିଥିଲେ ।



## ବନ୍ଦ ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ଭଉଣୀ

ଖଣ୍ଡପଡ଼ା,୧୮ ।୩(ସମିସ)

ଖଣ୍ଡପଡ଼ା ବ୍ଲକ ଖଳିସାହି ପଞ୍ଚାୟତ ତୋଟା ହନୁମାନ ନିକଟରେ ଥିବା ଏକ ଭଡ଼ାଘରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା ଏବେ ରୋଚକ ସ୍ଥିତିରେ ପହଞ୍ଚିଛି । ଖଣ୍ଡପଡ଼ା ଥାନା ପୁଲିସ ମଙ୍ଗଳବାର ସନ୍ଧ୍ୟାରେ ଅନୁସନ୍ଧାନ କରିବା ସହ ଅଧିକ ତଥ୍ୟ ଜାଣିବା ପାଇଁ ସାଇଣ୍ଟିଫିକ ଟିମକୁ ଜଣାଇଥିଲେ । ବୁଧବାର ସକାଳେ ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଅନେକ ସନ୍ଦେହଜନକ ଘଟଣା ଦେଖିବା ପରେ ସେ ସବୁର ପରୀକ୍ଷା ନିରୀକ୍ଷା କରିବା ପାଇଁ ନମୁନା ନେଇଛି । ବିଶେଷ କରି ଶିଡ଼ି ଘରଠାରୁ ଆରମ୍ଭ କରି ମୃତକଙ୍କ ଖଟିଆ ପର୍ଯ୍ୟନ୍ତ ଅନେକ ସ୍ଥାନରେ ରକ୍ତଛିଟା ପଡ଼ିଥିବା ସାଇଣ୍ଟିଫିକ ଟିମ ଦେଖିବାକୁ ପାଇଛି । ସେହିପରି କିଛି ସ୍ଥାନରୁ ରକ୍ତ ପୋଛା ଯାଇଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ ଦୃଢ଼ୀଭୂତ ହୋଇଛି । ଏସଡିପିଓ ମଦନ ମୋହନ ପ୍ରଧାନ ଏବଂ ଥାନା ଅଧିକାରୀ କୃତିବାସ ହରିଚନ୍ଦନ ଘଟଣାସ୍ଥଳରେ ଉପସ୍ଥିତ ରହି ମୃତ୍ୟୁର କାରଣ ଖୋଜିବା ପାଇଁ ଚେଷ୍ଟା କରିଛନ୍ତି । ମୃତ ଯୁବକ ଜଣକ ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଭିକାରୀ ଚରଣ ସାମଲଙ୍କ ପୁଅ ବିଷ୍ଣୁଚରଣ ସାମଲ । ଗତ କିଛିମାସ ହେଲା ବିଷ୍ଣୁଚରଣ ନୟାଗଡ଼ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିଲେ । ଗତ ୮ ମାସ ହେବ ସ୍ତ୍ରୀ ଏବଂ ଏକମାତ୍ର ପୁଅକୁ ନେଇ ଖଳିସାହିରେ ଭଡ଼ାଘରେ ରହୁଥିଲେ । ଘର ମାଲିକଙ୍କ କହିବା ଅନୁଯାୟୀ ବିଷ୍ଣୁଙ୍କ ପରିବାର କୋଠାର ଦ୍ୱିତୀୟ ମହଲାରେ ରହୁଥିବା ବେଳେ ସେମାନଙ୍କ ଚଳଣି ବିଷୟରେ ଆମକୁ ବିଶେଷ ଜଣାନାହିଁ । କିନ୍ତୁ ବିଷ୍ଣୁ ପ୍ରଚୁର ମଦ୍ୟପାନ କରୁଥିବା ବେଳେ ବିଳମ୍ବିତ ରାତିରେ ଘରକୁ ଫେରନ୍ତି । ଏ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗୁଥିବାରୁ ସେମାନଙ୍କୁ ମାର୍ଚ୍ଚ ୨୦ ତାରିଖ ଘର ଛାଡ଼ିବାକୁ କହିଥିଲୁ । ଗତ ସପ୍ତାହରେ ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଏତେ ତୀବ୍ର ହୋଇଥିଲା ଯେ ସ୍ତ୍ରୀ ସୁନିତା ବିଷ୍ଣୁଙ୍କ ମୁଣ୍ଡ ଫଟାଇ ଦେଇଥିଲେ । ବିଷ୍ଣୁ ମଧ୍ୟ ସ୍ତ୍ରୀ ସୁନିତାଙ୍କ ପାପୁଲିକୁ ଶକ୍ତ ଆଘାତ ଦେଇଥିବା ସୁନିତା କହିଛନ୍ତି । ଏହି ଘଟଣା ପରେ ସୁନିତା ପୁଅକୁ ନେଇ ବାପଘରକୁ ଚାଲି ଯାଇଥିବା ବେଳେ ସେହିଦିନଠାରୁ ବିଷ୍ଣୁ ଭଡ଼ା ଘରେ ଏକାକୀ ରହୁଥିଲେ ବୋଲି ଘର ମାଲିକ କହିଛନ୍ତି । ୩ ଦିନ ତଳେ ବିଷ୍ଣୁଙ୍କ କିପରି ମୃତ୍ୟୁ ହୋଇଛି ସେ ବିଷୟରେ କିଛି ଜାଣି ନ ଥିବା ସୁନିତା ଗଣମାଧ୍ୟମକୁ ବୟାନ ଦେଇଛନ୍ତି । ଅନ୍ୟପଟେ ମୃତ୍ୟୁର ପ୍ରକୃତ କାରଣ ଖୋଜିବା ପାଇଁ ମଙ୍ଗଳବାର ସୁନିତା ଖଣ୍ଡପଡ଼ା ଥାନାରେ ଏତଲା ଦେଇଥିବା ଜଣାଯାଇଛି । ପୁଲିସ ମୃତଦେହ ଜବତ କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି । ତେବେ ମୃତଦେହ ନେବାପାଇଁ ଶାଶୂଘର ଲୋକେ ନ ଆସିବାରୁ ସୁନିତା ବାପଘର ଗାଁରେ ଦାହ ସଂସ୍କାର କରିଥିବା ବେଳେ ପୁଅ ଶିବେଶ ଚନ୍ଦ୍ର ସାମଲ ମୁଖାଗ୍ନି ଦେଇଥିବା ସମ୍ପର୍କୀୟ ସୂଚନା ଦେଇଛନ୍ତି । ବିଷ୍ଣୁଙ୍କ ମୃତ୍ୟୁ ଖବର ପାଇ ତାଙ୍କ ଭଉଣୀ ଅନୁପମା ସାମଲ ଘଟଣାସ୍ଥଳରେ ପହଞ୍ଚିଥିଲେ । ମୃତଦେହ ଦେଖି ସେ ହତବାକ ହୋଇଥିଲେ । ତାଙ୍କ କହିବା ଅନୁଯାୟୀ ବିବାହ ପରଠାରୁ ତାଙ୍କ ଭାଉଜ ସବୁବେଳେ ଭାଇ ସହ ଝଗଡ଼ା କରୁଥିଲେ । ଭାଉଜ ଅନ୍ୟ ପୁରୁଷ ସହ ପ୍ରେମ ଓ ଅନୈତିକ ସମ୍ପର୍କ ରଖିଥିଲେ । ଏ ନେଇ ନେଇ ବିଷ୍ଣୁ ସବୁବେଳେ ବିରୋଧ କରି ଆସୁଥିଲେ । ସେଥିପାଇଁ ସୁନିତା ତାଙ୍କ ବିଷ୍ଣୁଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରିଥିବା ଅନୁପମା ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି । ହତ୍ୟାକାରୀଙ୍କୁ ଉଚିତ ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି । ତେବେ ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ ।



## ସାଇଣ୍ଟିଫିକ ଟିମ ଓ ଡଗ୍ ସ୍କ୍ୱାଡ୍ ସହାୟତାରେ ଛାନଭିନ



## ଭିଏସ୍‌ଙ୍କ ନାମରେ ଅସଦାଚରଣ ଅଭିଯୋଗ କରିଥିଲେ ସୁନୀତା

ନୟାଗଡ଼,୧୮ ।୩(ସମିସ): ଖଣ୍ଡପଡ଼ା ଥାନା ଖଳିସାହି ଭଡ଼ାଘରୁ ବିଷ୍ଣୁଚରଣ ସାମଲଙ୍କ ମୃତଦେହ ମିଳିବା ଘଟଣା ଅନେକ ଚର୍ଚ୍ଚା ସୃଷ୍ଟି କରିଛି । ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ କର୍ମଚାରୀ ବିଷ୍ଣୁଙ୍କ ମୃତ୍ୟୁ ଯେତିକି ଆଶ୍ଚର୍ଯ୍ୟ ଲାଗୁଛି, ସେତିକି ସନ୍ଦେହ ଘେରରେ ରହିଛି । ବିଗତ ଦିନରେ ବିଷ୍ଣୁଙ୍କ ସ୍ତ୍ରୀ ସୁନୀତା ତତ୍କାଳୀନ ପ୍ରାଣୀ ଚିକିତ୍ସକ ତଥା ଭିଏସ୍ ସୁଦାମ ଚରଣ ସାହୁଙ୍କ ନାମରେ ଅସଦାଚରଣ ଅଭିଯୋଗ ଆଣିଥିଲେ । ଏହି ଘଟଣାକୁ ନେଇ ଖଣ୍ଡପଡ଼ା ଥାନାରେ ମାମଲା ରୁଜୁ ହୋଇଥିଲା । ସେତେବେଳେର ଘଟଣା ଏବଂ ଏବେକାର ଘଟଣା ମଧ୍ୟରେ କିଛି ଲିଙ୍କ୍ ରହିଛି ନା ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି ।

## ଗଞ୍ଜେଇ ଚାଲାଣବେଳେ ମାଡ଼ିବସିଲା ମୋବାଇଲ ୟୁନିଟ୍

# ୨୫ ଲକ୍ଷର ଗଞ୍ଜେଇ ସହ ୨ କାର୍ ଜବତ, ୩ ଗିରଫ

ଖୋର୍ଦ୍ଧା,୧୮।୩(ସମିସ): ଅବକାରୀ ଜିଲ୍ଲା ମୋବାଇଲ୍ ୟୁନିଟ୍‌କୁ ମିଳିଛି ସଫଳତା। ବେଗୁନିଆ ଓ ବାଘମାରି ଥାନା ଅଞ୍ଚଳର ଦୁଇଟି ସ୍ଥାନରୁ ପୃଥକ ଭାବେ ଗଞ୍ଜେଇ ବୋଝେଇ କାର୍‌କୁ ଜବତ କରିଛି ମୋବାଇଲ ୟୁନିଟ। ମୋଟ ଅଢେଇ କ୍ୱିଣ୍ଟାଲ ଗଞ୍ଜେଇ ମୋବାଇଲ ୟୁନିଟ ଜବତ କରିଛି ବୋଲି ଆଜି ଅବକାରୀ ସୁପରିଟେଣ୍ଡଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁମତୀ ତ୍ରିପାଠୀ। ଏହି ଦୁଇଟି ପୃଥକ ମାମଲାରେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନ୍ଧମାଳ ଜିଲ୍ଲା ବିସିଆପଡା ଥାନା ବୋଇଡା ଗ୍ରାମର ସୁନୀଲ କୁମାର ଦିଗାଲ (୩୦) ଓ ଦେବରାଜ ଦିଗାଲ (୨୩) ଏବଂ କନ୍ଧମାଳ ଜିଲ୍ଲା ଜାଗେସପଙ୍ଗା ଥାନା କାମପଡ଼ା ଗାଁର ବ୍ରହ୍ମା କହଁର (୪୫)।



ଫୁଲବାଣୀରୁ ଭୁବନେଶ୍ୱରକୁ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବା ବିଶେଷ ସୂତ୍ରରୁ ଜିଲ୍ଲା ମୋବାଇଲ୍ ୟୁନିଟ୍ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଶ୍ରୀମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ମୋବାଇଲ୍ ୟୁନିଟ୍ ଆଇଆଇସି ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଆଜି ସକାଳ ୬ଟା ସମୟରେ ବେଗୁନିଆ ଥାନା ଅନ୍ତର୍ଗତ ପୋଷ୍ଟାଲ ଛକଠାରେ ଚଢଉ କରି ଗୋଟିଏ କାର ଭିତରୁ ୬ଟି ଜରିବସ୍ତାରେ ୨୫କେଜି ଲେଖାଏଁ ବନ୍ଧା ହୋଇଥିବା ଦେଢ଼ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଥିଲେ। ଉକ୍ତ ଗାଡିରୁ ସୁନିଲ ଓ ଦେବରାଜକୁ ମୋବାଇଲ ୟୁନିଟ ୫୦୬/୨୬ ନଂ ମାମଲାରେ ଗିରଫ କରିବା ସହ ତାଙ୍କ ଠାରୁ ଦୁଇଟି ମୋବାଇଲ ଏବଂ ଚାଲାଣରେ ବ୍ୟବହୃତ ଗାଡିକୁ ଜବତ କରିଥିଲେ।

ସେହିପରି ଦିନ ପ୍ରାୟ ୧୧ଟା ସମୟରେ ବାଘମାରୀ ଥାନା ଅନ୍ତର୍ଗତ ସାରୁଅ ଶୁଖୁଆ ବଜାର ନିକଟରେ ଚଢଉ କରି ଏକ କାରରୁ ଏକ କ୍ୱିଣ୍ଟାଲ ଗଞ୍ଜେଇ ଏବଂ ଏକ ଫୋନ୍ ଜବତ କରିଥିଲେ। ଏହି ଘଟଣାରେ ବ୍ରହ୍ମାକୁ ୫୦୭/୨୬ନଂ ମାମଲାରେ ଗିରଫ କରିଥିଲେ। ଦୁଇଟି ଯାକ ଗାଡିରେ ଅଭିଯୁକ୍ତମାନେ ଫୁଲବାଣୀରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରୁଥିଲେ ବୋଲି ଶ୍ରୀମତୀ ତ୍ରିପାଠୀ କହିଥିଲେ। ଜବତ ଗଞ୍ଜେଇର ମୂଲ୍ୟ ୨୫ଲକ୍ଷ ହେବ। ଚଢ଼ଉରେ ଜିଲ୍ଲା ମୋବାଇଲ୍ ୟୁନିଟ୍ ଆଇଆଇସି ତପସ୍ୱିନୀ ବରାଳ, ଏସ୍‌ଆଇ ମିତ୍ରବିନ୍ଦା ପରିଡା, ଏଏସ୍‌ଆଇ ସଞ୍ଜୟ କୁମାର ରାଉତ ଓ ଜିତେନ୍ଦ୍ର ହେମ୍ବ୍ରମ, ବେଗୁନିଆ ଅବକାରୀ ଥାନା ଏଏସ୍‌ଆଇ ସଞ୍ଜୟ କୁମାର ସୁବୁଦ୍ଧି, କନଷ୍ଟେବଲ୍ ସତ୍ୟବନ୍ତ ମାଝୀ, ବିକାଶ ଚନ୍ଦ୍ର ରାଉତ, ସ୍ୱପ୍ନାରାଣୀ ବେହେରା, ପୁରୁଷୋତ୍ତମ ପାଇକରାୟ, ବିଦ୍ୟୁତ୍‌ପ୍ରଭା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ବଜ୍ରପାତରେ ମୃତ ୭ ପିଲାଙ୍କ ଶ୍ରଦ୍ଧାଞ୍ଜଳି ସଭା



ଟାଙ୍ଗୀ,୧୮।୩ (ସମିସ) : ଟାଙ୍ଗୀ ଥାନା କାଲୁପଡା ଅଞ୍ଚଳରେ ୨୦୧୫ ମସିହା ଠିକ ଆଜିର ଦିନରେ ପଡିଆରେ ଖେଳୁଥିବା ସମୟରେ ହଠାତ୍ ବଜ୍ରପାତ ଯୋଗୁଁ ୭ ଜଣ ଶିଶୁଙ୍କର ଯଥାକ୍ରମେ ରାହୁଲ ନାୟକ(୧୩), ବିଭୁ ପରିଡ଼ା(୧୮), ସେକ ଓକିଲ (୨୦), ସନ୍ତୋଷ ପ୍ରଧାନ(୧୦), ସାରୁଖ ଖାଁ(୨୦), ଅଜିତ ବେହେରା ( ୧୮)ଏବଂ ଭବାନୀ ଶଙ୍କର ମହାପାତ୍ର (୧୯) ଅକାଳ ବିୟୋଗ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ପ୍ରତ୍ୟେକ ବର୍ଷ ପରି ବାଉଁଶ ମୂଳ ଛକସ୍ଥିତ ସେମାନଙ୍କ ନାମ ଫଳକରେ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଆବାହକତ୍ୱରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଜନତା ଉଚ୍ଚ ବିଦ୍ୟାଳୟ କୁହୁଡିର ବରିଷ୍ଠ ଶିକ୍ଷକ ରଘୁନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବସନ୍ତ ପ୍ରଧାନ, ନବକିଶୋର ବେହେରା, ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗଦେଇ ହୃଦୟ ବିଦାରକ ଦୃଶ୍ୟକୁ କୋହଭରା କଣ୍ଠରେ ବର୍ଣ୍ଣନା କରି କହିଥିଲେ। ସୋମନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ପ୍ରଧାନ, ଜଳନ୍ଧର ପ୍ରଧାନ, ମନିଷା ଘଡାଇ,କ୍ରିଷ୍ଣା କଳସୀ, ବେଣୁଧର ପ୍ରଧାନ, କାର୍ତ୍ତିକ ପ୍ରଧାନ, ବସନ୍ତ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

## ବାଣପୁର ଓକିଲ ସଂଘ ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ବାଣପୁର, ୧୮।୩ (ସମିସ) : ରାଜ୍ୟ ବାର୍ କାଉନସିଲ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଏକକାଳୀନ ଭାବେ ଅନୁଷ୍ଠିତ ହେବ। ରାଜ୍ୟର ସମସ୍ତ ଓକିଲ ସଂଘ ସମେତ ବାଣପୁର ଓକିଲ ସଂଘର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଇତି ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ ଓ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏ ନେଇ ଓକିଲଙ୍କ ମଧ୍ୟରେ ଉଷ୍ମତା ବଢିବାରେ ଲାଗିଛି। ଚଳିତ ବର୍ଷ ନିର୍ବାଚନରେ ପ୍ରାୟ ସମସ୍ତ ପଦ ପଦବୀରେ ଦ୍ୱିମୂଖୀ ପ୍ରତିଦ୍ୱନ୍ଦିତା ହେବାକୁ ଥିବା ବେଳେ ସଂଘର ସଭାପତି ପଦବୀ ପାଇଁ ତ୍ରିମୁଖୀ ଲଢେଇ ହେଉଛି। ସଭାପତି ପଦ ନିମନ୍ତେ ବରିଷ୍ଠ ଆଇନଜୀବୀ ବୃନ୍ଦାବନ ପ୍ରଧାନ, ଜଗନ୍ନାଥ ଭୋଳ ଏବଂ ଅନ୍ନଦା ଶଙ୍କର ଷଡଙ୍ଗୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଛି। ସେହିପରି ଉପସଭାପତି ପଦବୀ ପାଇଁ ନିରୋଜ କୁମାର ମହାନ୍ତିଙ୍କ ସହ ରାମଚନ୍ଦ୍ର ପଲାଇଙ୍କ ମଧ୍ୟରେ ଲଢେଇ ହେଉଛି। ତେବେ ଗୁରୁତ୍ୱପର୍ଣ୍ଣ ସମ୍ପାଦକ ପଦବୀ ପାଇଁ ଭାଗୀରଥି ବିଶ୍ୱାଳଙ୍କ ସହ ମହେନ୍ଦ୍ର ପ୍ରସାଦ ସାମନ୍ତସିଂହାରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଛି। ଅନୁରୂପ ଭାବେ ସହ ସମ୍ପାଦକ ପଦବୀ ପାଇଁ ନରେନ୍ଦ୍ର ନାୟକଙ୍କ ସହ ସନ୍ତୋଷ କୁମାର ମହାପାତଙ୍କ ମଧ୍ୟରେ ଲଢ଼େଇ ହେଉଛି। ତେବେ ୩ଟି କାର୍ଯ୍ୟକାରୀ ସମିତି ସଭ୍ୟ ପାଇଁ ଅନୀଲ କୁମାର ବାରିକ, ସୁଦର୍ଶନ ଜାଲି ଓ ଚିରସ୍ମିତା ବେହେରା ପ୍ରମୁଖ ତିନି ଜଣ ପ୍ରାଥୀ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ମନୋଜ କୁମାର ମହାପାତ୍ର ନିର୍ବାଚନ ପରିଚାଳନା କରିବେ ବୋଲି ସୂଚନା ମିଳିଛି।

## ରମଜାନ୍‌ରେ ବନ୍ଧୁ ମିଳନ



ଖୋର୍ଦ୍ଧା,୧୮।୩(ସମିସ):ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦିଆ ମୁସଲିମ ସଂଗଠନ ପକ୍ଷରୁ ପବିତ୍ର ରମଜାନ ଉପଲକ୍ଷେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହା ଗ୍ରାମ ସଭାପତି ୱସିମ ଅହମଦଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିଲା। କେରଙ୍ଗ ପ୍ରାଥମିକ ସରକାରୀ ବିଦ୍ୟାଳୟ, କେରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ର, କେରଙ୍ଗ ଜଇତୁନ ନିଶା ହାଇସ୍କୁଲ, କେରଙ୍ଗ ପଂଚାୟତ କଲେଜ ଏବଂ ଏଚ.ଡ଼ି.ଏଫ.ସି ବ୍ୟାଙ୍କ କେରଙ୍ଗ ଶାଖାକୁ ଯାଇ ସେଠାରେ କର୍ତ୍ତୃପକ୍ଷଙ୍କ ସହ ଭେଟି ବନ୍ଧୁମିଳନର କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାଇଚାରା, ଦେଶଭକ୍ତି, ମାନବ ସେବା, ବିଶ୍ୱଶାନ୍ତି, ଏକତା ଓ ଅଖଣ୍ଡତାର ବାର୍ତ୍ତା ବହନ କରାଯାଇଥିଲା। ଏଥିରେ ମୌଲାନା ହଲିମ ଅହମଦ, ମୁନିରୁଦ୍ଦିନ ଖାଁ, ଲିଆକତ ଅଲ୍ଲି, ଜଫରୁଲ୍ଲାଃ ଖାଁ, ହଲିମୁଦ୍ଦିନ ଖାଁ ଏବଂ କେରଙ୍ଗ ଯୁବସଂଗଠନର ସଭାପତି ମୋଇନୁଦ୍ଦିନ ଅହମଦ ସାମିଲ ହୋଇଥିଲେ।

## ଦେଉଳଟାଙ୍ଗି କ୍ରିକେଟ: କୁଶୁପଲ୍ଲା ଓ ପଳାସପୁର ବିଜୟୀ

ଖୋର୍ଦ୍ଧା, ୧୮।୩(ସମିସ): ଦେଉଳଟାଙ୍ଗି ମା'ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚତୁର୍ଥ ଦିବସର ପ୍ରଥମ ମ୍ୟାଚ୍ କୁଶୁପଲ୍ଲା ଓ ପାନବରଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କୁଶୁପଲ୍ଲା ଦଳ ବ୍ୟାଟିଂ କରି ୧୫ ଓଭର ଖେଳି ୬ ୱିକେଟ୍ ବିନିମୟରେ ୨୦୭ ରନ୍ କରିଥିଲା। ଜବାବରେ ପାନବରଜ ଦଳ ଓଭର ଖେଳି ୯ୱିକେଟ ହରାଇ ୧୪୭ରନ୍ କରିଥିଲା। ଫଳରେ କୁଶୁପଲ୍ଲା ଦଳ ୬୦ ରନରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶଶିକାନ୍ତ ୩୭ ବଲ୍‌ରୁ ୧୦୭ରନ୍ ଓ ୩ ଓଭର ବୋଲିଂ କରି ୨୯ରନ୍ ଦେଇ ୨ ୱିକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଦ୍ୱିତୀୟ ମ୍ୟାଚ୍‌ଟି ପଳାସପୁର ଓ ଭଗବାନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପଳାସପୁର ଦଳ ୧୫ ଓଭର ଖେଳି ୩ ୱିକେଟ ବିନିମୟରେ ୨୨୩ ରନ କରିଥିଲା। ଜବାବରେ ଭଗବାନପୁର ଦଳ ୧୫ ଓଭର ଖେଳି ୯ୱିକେଟ ବିନିମୟରେ ୧୭୧ରନ କରିଥିଲା। ଫଳରେ ୫୨ରନ୍ ରେ ପଳାସପୁର ଦଳ ବିଜୟୀ ହୋଇଛି। ଦଳ ତରଫରୁ ବିଶ୍ୱରଞ୍ଜନ ସାହୁ ୧୫ ବଲରେ ୫୮ ରନ୍ ଓ ୩ଓଭର ବୋଲିଂ କରି ୩୪ରନ ଦେଇ ୨ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ସୁରେନ୍ଦ୍ର ଚମ୍ପତିରାୟ ଓ ମଦନମୋହନ ସ୍ୱାଇଁ ପରିଚାଳନା କରିଥିବାବେଳେ ସ୍କୋରର ସୋମନାଥ ଦଳାଇ ଓ ଭାଷ୍ୟକାର ସତ୍ୟବ୍ରତ ସ୍ୱାଇଁ ଥିଲେ।

# ମଧ୍ୟପ୍ରାଚ୍ୟ ଯୁଦ୍ଧ: ବିଦେଶରେ ଫସିଛନ୍ତି ବାଲୁଗାଁ, ବାଣପୁର ଲୋକ

### ଘରକୁ ଫେରାଇ ଆଣିବା ପାଇଁ ପରିବାର ଲୋକଙ୍କ ଆକୁଳ ନିବେଦନ

ବାଲୁଗାଁ, ୧୮।୩(ସମିସ) :

ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ, ବାଣପୁର ତଥା ଚିଲିକା ଅଞ୍ଚଳରୁ ହଜାର ହଜାର ଯୁବକ ଓ ବ୍ୟକ୍ତି ଅଧିକ ରୋଜଗାର କରିବା ଆଶାରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବା ସହ ବିଦେଶକୁ ଯାଇ କାମ କରି ଅର୍ଥ ଉପାର୍ଜନ କରି ପରିବାର ଭରଣ ପୋଷଣ କରି ଆସୁଛନ୍ତି। ବିଭିନ୍ନ ରାଜ୍ୟ ତଥା ବିଦେଶର ଓମାନ, ଇରାନ, ଇରାକ, ଦୁବାଇ, ସାଉଦିଆରବ, ମରିସସ ଆଦି ମଧ୍ୟପ୍ରାଚୀ ଦେଶକୁ ଯାଇଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ବର୍ତ୍ତମାନ ଆମେରିକା ଓ ଇସ୍ରାଇଲ୍ ସହ ଇରାନ ମଧ୍ୟରେ ଜୋରଦାର ଯୁଦ୍ଧ ଚାଲିଛି। ଫଳରେ ମଧ୍ୟପ୍ରାଚ୍ୟ ଦେଶରେ ଭୟାନକ ପରିସ୍ଥିତି ସୃଷ୍ଟି ହୋଇ ଏଥିରେ ଦୈନନ୍ଦିନ ବହୁ ଜନସାଧାରଣ ମୃତ୍ୟୁବରଣ କରୁଛନ୍ତି। ଉପରୋକ୍ତ ଦେଶରେ କାମ କରୁଥିବା ବାଲୁଗାଁ, ବାଣପୁର ତଥା ସମଗ୍ର ଚିଲିକା ଅଞ୍ଚଳ ସମେତ ସାରା ରାଜ୍ୟର ବହୁ ଓଡିଆ ଶ୍ରମିକ ଉକ୍ତ ଦେଶମାନଙ୍କରେ ଯୁଦ୍ଧ ଆରମ୍ଭ ହେବାରେ କିଛି ଓଡିଆ ସୁରକ୍ଷିତ ଭାବେ ନିଜ ଭିଟାମାଟିକୁ ଫେରି ଆସି ଥିବା ସ୍ଥଳେ ଏବେ ମଧ୍ୟ ଆହୁରି ଆହୁରି ଅନେକ ଲୋକ ଏଯାବତ୍ ଗ୍ରାମକୁ ଫେରି ଆସି ନପାରି ସେଠାରେ ଫସି ରହି ଥିବା ପରିବାର ପକ୍ଷରୁ ଜଣା ଯାଇଛି। ସେମାନେ ଭୟଭୀତ ଅବସ୍ଥାରେ ରହି ସୋସିଆଲ ମିଡିଆ ତଥା ଗଣମାଧ୍ୟମ ଜରିଆରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଲାଗି ଆକୁଳ ନିବେଦନ କରୁଥିବା ଜଣାଯାଇଛି। ହେଲେ ଫସି ରହିଥିବା ଅଞ୍ଚଳର ଓଡିଆ ଲୋକ ଗ୍ରାମକୁ ଫେରିବାକୁ ନିବେଦନ କରିଆସୁଥିଲେ ମଧ୍ୟ ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଅଦ୍ୟାବଧି ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ଗୁରୁତର ସହ ନେଇ ବିଭିନ୍ନ ବିଭାଗୀୟ ଉଚ୍ଚ ପଦସ୍ତ ଅଧିକାରୀ ତଥା ରାଜ୍ୟ ଓ କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଇ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ଭାବେ ଭିଟାମାଟିକୁ ଫେରାଇ ଆଣିବାକୁ ଅଞ୍ଚଳବାସୀ ଦୃଢ ଦାବି କରିଛନ୍ତି।

# ତହସିଲଦାରଙ୍କ ବିରୋଧରେ ଗର୍ଜିଲେ ମହିଳା

ଖୋର୍ଦ୍ଧା,୧୮।୩ (ସମିସ): ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ପବୁସାହି ଓ ବରସାହି ପଞ୍ଚାୟତର ଏକାଧିକ ଗ୍ରାମବାସୀ ଖୋର୍ଦ୍ଧା ତହସିଲଦାରଙ୍କ ବିରୋଧରେ ଦୁର୍ନୀତି, ସରକାରୀ କାର୍ଯ୍ୟରେ ଅନିୟମିତତା, ଜନସାଧାରଣଙ୍କୁ ଦୁର୍ବ୍ୟବହାର ଏବଂ ତହସିଲ କର୍ମଚାରୀଙ୍କ ସାଧାରଣ ଜନତାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ସରକାରୀ କାର୍ଯ୍ୟରେ ଅର୍ଥ ଦାବି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ତହସିଲଦାର ଏବଂ କାର୍ଯ୍ୟାଳୟ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ନିରପେକ୍ଷ ତଦନ୍ତ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ଦେଇଥିଲେ। ଏହି ଘଟଣାର ଉପଯୁକ୍ତ ତଦନ୍ତ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶୃତି ମିଳିବା ପରେ ଆନ୍ଦୋଳନକାରୀ ମହିଳାମାନେ ଧାରଣାରୁ ଓହରିଥିଲେ। ଅନ୍ୟପକ୍ଷରେ ଏହି ବିକ୍ଷୋଭ ପଛରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଚକ୍ରାନ୍ତ ଚଳାଇଥିବା ଚର୍ଚ୍ଚା ହେଉଛି।



ଅଭିଯୋଗ ଅନୁସାରେ, ତହସିଲଦାର ବିଭିନ୍ନ ସରକାରୀ କାର୍ଯ୍ୟରେ ଦୁର୍ନୀତିରେ ଲିପ୍ତ ରହିଛନ୍ତି। କୌଣସି କାର୍ଯ୍ୟରେ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଜନସାଧାରଣଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏଠାରେ ବିନା ଉତ୍କୋଚ ରେ କୌଣସି କାମ ହେଉନାହିଁ। ଏ ନେଇ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହି ତହସିଲ କାର୍ଯ୍ୟାଳୟରେ ତହସିଲଦାର ସମେତ ଏକାଧିକ କର୍ମଚାରୀ ଦୀର୍ଘ ଦିନ ହେବ ଗୋଟିଏ ସ୍ଥାନରେ ରହି ଦୁର୍ନୀତିରେ ଲିପ୍ତ ରହିଛନ୍ତି। ଅଧିକାଂଶ କର୍ମଚାରୀ କାର୍ଯ୍ୟାଳୟକୁ ଠିକ୍ ସମୟରେ ଆସୁନଥିବା ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ତହସିଲଦାର ବିଭାଷ ପାଣିଗ୍ରାହୀଙ୍କୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅଭିଯୋଗକାରୀମାନେ କେବେ କୌଣସି କାମରେ କାର୍ଯ୍ୟାଳୟକୁ ଆସିନାହାନ୍ତି ବରଂ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ସେମାନଙ୍କର ସ୍ୱାର୍ଥ ସାଧନ ନହେବାରୁ ମହିଳାମାନଙ୍କୁ ଢାଲ କରି ଏଭଳି କାର୍ଯ୍ୟ କରୁଛନ୍ତି। ଘଟଣାର ତଦନ୍ତ କରାଗଲେ ପ୍ରକୃତ ସତ୍ୟ ବାହାରକୁ ଆସିବ। କାର୍ଯ୍ୟାଳୟରେ ଉତ୍କୋଚ ଭଳି କୌଣସି ଦଣ୍ଡନୀୟ ଅପରାଧକୁ ପ୍ରଶୟ ଦିଆଯାଏ ନାହିଁ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ଅଭିଯୋଗକାରୀଙ୍କ ଅଞ୍ଚଳରେ ସରକାରୀ ଜମି ଜବରଦଖଲ କରି କରାଯାଇଥିବା ଏକ ଫାର୍ମ ହାଉସରୁ କରାଯାଉଥିବା ଉଚ୍ଛେଦ ପ୍ରକ୍ରିୟାରେ ବାଧା ସୃଷ୍ଟି ପାଇଁ ଏଭଳି ଚକ୍ରାନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କ ଦ୍ୱାରା କରାଯାଉଥିବା ନେଇ ଚର୍ଚ୍ଚା ହେଉଛି।

## ବରାଳ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଗୀତାଯଜ୍ଞ

ବେଗୁନିଆ,୧୮।୩(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲିପଦର(ବାସୁଦେବପୁର) ଗ୍ରାମର ଆରାଧ୍ୟ ଦେବତା ବରାଳ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଗ୍ରାମବାସୀଙ୍କ ସହଯୋଗରେ ଗୀତାଯଜ୍ଞ ଉଦଯାପିତ ହୋଇଛି। ଏଥିରେ ଯାଜ୍ଞିକ ବ୍ରାହ୍ମଣ ସୁରେଶ କୁମାର ହୋତାଙ୍କ ତତ୍ତ୍ୱାବଧାନରେ କର୍ତ୍ତା ଭାବେ ହରେକୃଷ୍ଣ ଦାଶ ଓ ପତ୍ନୀ ରଞ୍ଜୁଲତା ଉପବେସନ କରିଥିଲେ। ପ୍ରାରମ୍ଭରେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା ସହ ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ ଓ ଆହୁତି ପ୍ରଦାନ କରାଯାଇଥିଲା। ତେବେ ମଙ୍ଗଳବାର ଦିନ ପୂର୍ବାହ୍ନରେ ଗୀତା ମନ୍ତ୍ରରେ ଆହୁତି, ରାଷ୍ଟ୍ର ହୋମ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଭକ୍ତିଭାବମୟ ପରିବେଶ ମଧ୍ୟରେ ସମାପନ ହୋଇଥିଲା।

## ରାଷ୍ଟ୍ରୀୟ ନବବର୍ଷକୁ ଛୁଟି ଘୋଷଣା ଦାବି

ଖୋର୍ଦ୍ଧା,୧୮।୩(ସମିସ): ଚୈତ୍ର ଶୁକ୍ଳ ପ୍ରତିପଦା ରାଷ୍ଟ୍ରୀୟ ନବବର୍ଷ ଆମ ଦେଶ ଓ ସଂସ୍କୃତି ପାଇଁ ଏକ ଅତ୍ୟନ୍ତ ପବିତ୍ର ଓ ଗୌରବମୟ ଦିନ। ଏହି ଅବସରରେ ଲୋକମାନେ ନୂତନ ଆଶା ଓ ଉତ୍ସାହ ସହ ନୂତନ ବର୍ଷକୁ ସ୍ୱାଗତ କରନ୍ତି ଓ ଏହି ପବିତ୍ର ଦିନର ଗୁରୁତ୍ୱକୁ ମନେରଖି ରାଷ୍ଟ୍ରୀୟ ନବବର୍ଷ ଦିନଟି ରେ ସମଗ୍ର ଓଡ଼ିଶାରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକୁ ବନ୍ଦ ଘୋଷଣା କରିବାକୁ ବିଶ୍ୱହିନ୍ଦୁ ପରିଷଦ(ବିଏଚପି) ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ର ପ୍ରଦାନ ବେଳେ ବିଶ୍ୱ ହିନ୍ଦୁ ପରିଷଦ ଜିଲା ପ୍ରଚାର ପ୍ରମୁଖ ଆଦର୍ଶ ଅଂଶୁମାନ, ଜିଲା କୋଷାଧକ୍ଷ ଅଭିମନ୍ୟୁ ଘଟୁଆଳ, ଖୋର୍ଦ୍ଧା ପ୍ରଖଣ୍ଡ କାର୍ଯ୍ୟକାରୀ ସଭାପତି ରଶ୍ମୀରଞ୍ଜନ ମିଶ୍ର, ସମ୍ପାଦକ ଜିତେନ୍ଦ୍ର ବେହେରା, ବଜରଙ୍ଗ ଦଳ ଜିଲା ସହ ସଂଯୋଜକ ଏସଏମ ଦିବ୍ୟ ପ୍ରକାଶ, ପ୍ରଖଣ୍ଡ ସଂଯୋଜକ ସତ୍ୟଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଓୟୁଡବ୍ଲୁଜେ ସଂଘ ସଭାପତିଙ୍କୁ ଅପମାନ ଘଟଣା

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶତାଧିକ ସଭ୍ୟଙ୍କ ଧାରଣା

ଖୋର୍ଦ୍ଧା,୧୮।୩ (ସମିସ): କୌଣସି ଅଭିଯୋଗର ତର୍ଜମା ନ କରି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ (ଓ.ୟୁ.ଡବ୍ଲୁ.ଜେ) ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତିଙ୍କ କାର୍ଯ୍ୟଶୈଳୀ ଓ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇ ମାନହାନୀ କରିବା ପ୍ରତିବାଦରେ ଆଜି ସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଏ ନେଇ ଏକ ପ୍ରତିବାଦ ସଭା ଆଜି ଖୋର୍ଦ୍ଧା ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଥିଲା। ବୈଠକ ରେ ଜାତୀୟ ସଭାପତି, ରାଜ୍ୟ ସଭାପତିଙ୍କ ସମେତ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗି, ବାଣପୁର, ଚିଲିକା, ବୋଲଗଡ, ବେଗୁନିଆ, ଜଟଣୀ, ଭୁବନେଶ୍ୱର ପ୍ରଭୃତି ଅଂଚଳ ସମେତ ପୁରୀ, କଟକ, ଯାଜପୁର, ନୟାଗଡ ଜିଲ୍ଲାରୁ ବହୁ ସଂଖ୍ୟାରେ ସଂଘର ସଦସ୍ୟମାନେ ଏକତ୍ରିତ ହୋଇ ଜିଲ୍ଲା ପ୍ରସାଶନର ମନମୁଖୀ କାର୍ଯ୍ୟକୁ ତୀବ୍ର ବିରୋଧ କରିବା ସହିତ, ନିଷ୍ପତ୍ତିର ପୁନର୍ବିଚାର ନ କରାଗଲେ ଆଗାମୀ ଦିନରେ ଏହା ତୀବ୍ର ରୂପ ଧାରଣ କରିବ ବୋଲି ଜିଲ୍ଲା ପ୍ରଶାସନ କୁ ଚେତାବନୀ ଦେଇଥିଲେ।



ପରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟଠାରୁ ଜିଲ୍ଲା ପ୍ରଶାସନ ର ମନମୁଖୀ କାର୍ଯ୍ୟ ପ୍ରତିବାଦରେ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରିଥିଲେ। ଏଥିରେ ସର୍ବଭାରତୀୟ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ ସଭାପତି ଡ. ପୀତବାସ ମିଶ୍ର, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ ରାଜ୍ୟ ସଭାପତି ଭାଗବତ ତ୍ରିପାଠୀ, ରାଜ୍ୟ ସଂଗଠନ ସମ୍ପାଦକ ଅର୍ଜ୍ଜୁନ ମୁଦୁଲି ପ୍ରମୁଖ ଜିଲ୍ଲା ପ୍ରଶାସନର ଏହି ନିଷ୍ପତ୍ତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ଜିଲ୍ଲା ପ୍ରଶାସନ ତାର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଦାବି କରିଥିଲେ। ଏଥିସହିତ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ସଭାପତି ଶୁଭ୍ରାଂଶୁ ରଞ୍ଜନ ସମାନ୍ତରାୟ ସେଠାରେ ଉପସ୍ଥିତ ରହି ଘଟଣାକୁ ଦୃଢ଼ ନିନ୍ଦା କରିଥିଲେ। ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କ ଅନୁପସ୍ଥିତି ରେ ଧାରଣାସ୍ଥଳରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ପହଁଚି ଧାରଣା ରେ ବସିଥିବା ସଂଘ ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ମାନଙ୍କ ସହିତ ଆଲୋଚନା କରିଥିଲେ। ବିନା ଆଲୋଚନାରେ ତରବରିଆଭାବେ ନିଆଯାଇଥିବା ଭୁଲ ନିଷ୍ପତିକୁ ଅନୁଭବ କରିବାପରେ ଜିଲ୍ଲା ପ୍ରଶାସନ ତାର ପୂର୍ବ ନିଷ୍ପତି କୁ ଏକ ଲିଖିତ ପତ୍ର ମାଧ୍ୟମରେ ପ୍ରତ୍ୟାହାର କରିବାରେ ପରିସ୍ଥିତି ଶାନ୍ତ ପଡିଥିଲା।

ପ୍ରକାଶ ଥାଉକି, କିଛି ଅସାମାଜିକ ତତ୍ୱଙ୍କ ଭିତ୍ତିହୀନ ଅଭିଯୋଗ ପତ୍ରକୁ ତର୍ଜମା ନକରି ଅଦୃଶ୍ୟ ଚାପରେ ତରବରିଆ ଭାବେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓୟୁଡବ୍ଲୁଜେ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତିଙ୍କ କାର୍ଯ୍ୟଶୈଳୀ ଓ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇ ବିଭିନ୍ନ ବିଭାଗକୁ ଚିଠି କରିଥିଲେ। ଯାହାକୁ ସଂଘ ଗୁରୁତ୍ୱର ସହ ଗ୍ରହଣ କରିଥିଲା। ଏ ସମ୍ପର୍କରେ ଜିଲ୍ଲା ଶାଖା ପକ୍ଷରୁ ଆଇ. ଓ.ଡବ୍ଲୁ.ଜେ ସର୍ବଭାରତୀୟ ସଭାପତି, ରାଜ୍ୟ ସଭାପତି, ରାଜ୍ୟ ସାଧାରଣ ସମ୍ପାଦକ, ରାଜ୍ୟ ସଂଗଠନ ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଘଟଣା ସମ୍ପର୍କରେ ଅବଗତ ହେବା ପରେ ରାଜ୍ୟସାରା ବିଭିନ୍ନ ଜିଲ୍ଲାରେ ପ୍ରତିବାଦର ସ୍ୱର ଉଠିଥିଲା। ସଂଘର ନିଷ୍ପତ୍ତି କ୍ରମେ ଆଜି ଶତାଧିକ ସଦସ୍ୟ ପ୍ରତିବାଦ କରିଥିଲେ।

